# ସାଇ ସେବା ଟ୍ରଷ୍ଟ ତରଫରୁ ଜଳଛତ୍ର



**ଢେଙ୍କାନାଳ, ୨।୪ (ସମିସ):** ଢେଙ୍କାନାଳରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉତ୍କଳ ଦିବସ ଦିନ ରଥଗଡ଼ା ଅଞ୍ଚଳରେ ସାଇ ସତସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ କରାଯାଇଛି । ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ପ୍ରତି ଗୁରୁବାର ଏହି ଜଳଛତ୍ର ସ୍ଥାନରେ ଦହିସର୍ବତ ବଣ୍ଟନ ହେବ । ଆଗାମୀ ଦିନରେ ବସଷ୍ଟାଣ୍ଡ, ରେଳଷ୍ଟେସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଳଛତ୍ର ଖୋଲାଯିବା ସହିତ ପଶୁ ପକ୍ଷୀଙ୍କ ପାଇଁ ଜଳକୁଣ୍ଡ କରାଯିବ ଓ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ହେତୁ ଚଳିତ ମାସ ୭ ତାରିଖରେ ଟ୍ରଷ୍ଟ ତରଫରୁ ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ସ୍ଥାନୀୟ ଟାଉନ ହଲ ଠାରେ କରିବା ପାଇଁ ଟ୍ରଷ୍ଟର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି ।

# ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ



**ଢେଙ୍କାନାଳ, ୨।୪ (ସମିସ) :** ସ୍ଥାନୀୟ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ ପାଳନ କରାଯାଇଛି । ସକାଳ ୮ ଘଟିକାରେ ପଞ୍ଚସଖାଙ୍କ ମୂର୍ତ୍ତିରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମଟିକୁ ସଫଳ ରୂପାୟନ କରିଥିଲେ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ - କନ୍ୟାକୁମାରୀ ଭୁତିଆ, ସୁଲୋଚନା ଭୁତିଆ, ସାଗରିକା ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ରାନୁ ଦାସ, ପ୍ରଣତି ପତି, ମାମାଲି ମିଶ୍ର, ବବିତା ସାହୁ, ଉପାସନା ନାଥଶର୍ମା, ଲିପିକା ନାୟକ, ବର୍ଷାରାଣୀ ସାହୁ ସୋନାଲି ସାହୁ ଓ ଦୁଷ୍ମନ୍ତ କୁମାର ପ୍ରମୁଖ ।

# ଟାଇକୋଣ୍ଡୋ ସଂଘ ତରଫରୁ କଲର୍ ବେଲ୍ଟ ପରୀକ୍ଷା



**ଢେଙ୍କାନାଳ, ୨।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ଟାଇକୋଣ୍ଡୋ ସଂଘ ତରଫରୁ ୫୦ତମ କଲର୍ ବେଲ୍ଟ ପରୀକ୍ଷା ଆୟୋଜନ ମିନି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଯୋଗଦାନ କରିଥିଲେ । ଏଥିରେ ପ୍ରଶିକ୍ଷକ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ଦୈତାରୀ ବେହେରା ଯୋଗ ଦେଇଥିଲେ । ସକାଳ ୬ ଘଟିକା ଠାରୁ ୧୦ ଘଟିକ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଢେଙ୍କାନାଳର ସମ୍ପାଦକ ସାହୀର ମହମ୍ମଦ ଉକ୍ତ ପରୀକ୍ଷାକୁ ପରିଚାଳନା କରିଥିଲେ । ଢେଙ୍କାନାଳର କୋଚ୍ ସିଲ୍ଲି ସାହୀର ଏବଂ ବିଶ୍ୱଜିତ୍ ପଣ୍ଡା, ସାଇନା ସାହୀର, ଶ୍ରୀୟାସ୍ମିତା ପାଣିଗ୍ରାହୀ, ସିଦ୍ଧାର୍ଥ କୁମାର ପାଣିଗ୍ରାହୀ ସାହାଯ୍ୟ କରିଥିଲେ । ଶେଷରେ ପ୍ରଶିକ୍ଷକ ଦୈତାରୀ ବେହେରା ଢେଙ୍କାନାଳ ଟାଇକୋଣ୍ଡୋ ତରଫରୁ ସମ୍ମାନିତ କରାଯାଇଥିଲା ।

# ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବଇଣ୍ଡା, ୨।୪(ସମିସ):** ଚଳିତ ବର୍ଷ ଦେଇଥିବା ନବୋଦୟ ପ୍ରବେଶିକା ପରୀକ୍ଷାରେ ବଇଣ୍ଡା ଅଞ୍ଚଳ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏନେଇ କଦଳୀମୁଣ୍ଡା ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଲେଖ କୁମାର



ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବରେ ସାମ୍ବାଦିକ ପରୀକ୍ଷିତ ସାହୁ, ଦୀପକ କୁମାର ସାହୁ, ବାବୁଲାଲ ସାହୁ, ଟଙ୍କଧର ସାହୁ, ସାରଥି ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଜଗଦୀଶ ପ୍ରଧାନ, ଆରିୟନ ପ୍ରଧାନ, ରାହୁଲ କୁମାର ସାହୁ, ତୃପ୍ତିମୟ ପ୍ରଧାନ, ପ୍ରିୟଂଶୀ ପ୍ରିୟଦର୍ଶନୀ ସାହୁ, ନବ୍ୟାସ୍ୱିତା ସାହୁ, ଲୋକେଶ ମାନ ପ୍ରବୀଣ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶିକ୍ଷକ ଦୀପକ ସାହୁ, ସରୋଜ କୁମାର ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

# ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା



**କିଶୋରନଗର, ୨।୪(ସମିସ):** କିଶୋରନଗର ବ୍ଲକ ପାଣ୍ଡୁରୀପଥର ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ୪୯ ତମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାଧୁପାଳ ଶିବମନ୍ଦିର ନିକଟସ୍ଥ ନଦୀରୁ କଳସରେ ପାଣି ଅଣାଯାଇ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଠ କମିଟିର ସଭାପତି ପ୍ରସନ୍ନ ବିଶ୍ୱାଳ, ସମ୍ପାଦକ ତ୍ରିନାଥ ସାହୁ, ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ଆସନ୍ତାକାଲିଠାରୁ ମଠ ପରିସରରେ ନାମଯଜ୍ଞ ଅନୁଷ୍ଠିତ ହେବ ।

# ଜରାଜୀର୍ଣ୍ଣ ଅବସ୍ଥାରେ ଇନ୍ଦ୍ରଜିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

**ପଣ୍ଡୁଆ, ୨।୪ (ସମିସ):** କାମକ୍ଷାନଗର ଉପଖଣ୍ଡ ପରିମାଳ ଅଞ୍ଚଳର ଅଁଳାବେରେଣିଠାରେ ପ୍ରାୟ ୪୫ ବର୍ଷ ପୂର୍ବେ ଇନ୍ଦ୍ରଜିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଇନ୍ଦ୍ରଜିତର ପୁନରୁଦ୍ଧାର ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ

- ଚାଷୀଙ୍କ କୌଣସି କାମରେ ଆସୁନାହିଁ
- ଜାଲିଆଘାଇ ଭାଙ୍ଗିବାରୁ ତଳିଅଞ୍ଚଳ ଚାଷୀ କ୍ଷତିଗ୍ରସ୍ତ





ମଧ୍ୟ ଆଜି ଏହା ଜରାଜୀର୍ଣ ଅବସ୍ଥାରେ ପଡ଼ିରହିଛି । ଲକ୍ଷ ଲକ୍ଷ ଟଙ୍କା ଟେଣ୍ଡର କାମ ଠିକାଦାର କରିଥିବା ବେଳେ ପ୍ରକଳ୍ପଟି ଚାଷୀମାନଙ୍କର କୌଣସି କାର୍ଯ୍ୟରେ ଆସୁନାହିଁ । ଇନ୍ଦ୍ରଜିତକୁ ଲାଗି ଜାଲିଆଘାଇ ବାରମ୍ବାର ଭାଙ୍ଗିଯିବାରୁ ତଳି ଅଞ୍ଚଳର ବିଭିନ୍ନ ଗାଁର ଚାଷୀ ବହୁ କ୍ଷତିଗ୍ରସ୍ତ ହୋଇଥିଲେ । ଇନ୍ଦ୍ରଜିତ ଉପରେ ନିର୍ଭର କରୁଥିବା ୫ଟି ପଞ୍ଚାୟତରେ ଥିବା ୩୦ ଗ୍ରାମ ମରୁଡ଼ି ଦାଉରୁ ନିଜକୁ ରକ୍ଷା କରିପାରୁନାହାନ୍ତି । ସୂଚନା ମୁତାବକ, ଗତବର୍ଷ ପ୍ରକଳ୍ପରେ ଲାଗିଥିବା ଲୁହା କବାଟ ଓ ଚାବିର ନବୀକରଣ କରିବା ପାଇଁ ଏକ ଠିକାଦାର ଆସି କରିବାର ପରଦିନ ସମସ୍ତ କବାଟ ଚୋରି ହୋଇଗଲା । ୨୦୧୨ ମସିହାରୁ ବ୍ଲକ ପ୍ରଶାସନ ପ୍ରକଳ୍ପ ଦ୍ୱାରା ଚାଷୀମାନେ ଉପକୃତ ହେଉ ନଥିବା ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବ୍ଲକ ପ୍ରଶାସନ ଓ ପଞ୍ଚାୟତର ଚାଷୀଙ୍କ ପ୍ରତି ଚରମ ଉଦାସୀନତା ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

# ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ

**କଣିହାଁ, ୨।୪(ସମିସ):** ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁ ଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ଧନେଶ୍ୱର ସାହୁ ଓ ପ୍ରତିଥି ଯଶା କବି ନିର୍ଭୟ କୁମାର ପାଣି ପ୍ରମୁଖ ଯୋଗ ଦେଇ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଓ ଓଡ଼ିଶାର ବରପୁତ୍ର ମଧୁସୂଦନ ଦାସଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ । ଗାଳ୍ପିକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । କବି ଲକ୍ଷ୍ମଣ କୁମାର ସାହୁ, ବିଜୟ କୁମାର ସାହୁ, ବୁଦ୍ଧଦେବ ସେଠୀ, ଗୋଦାବରୀ ଗଡ଼ନାୟକ୍, ଜସ୍ମିନ୍ ପ୍ରଧାନ, ଋଷଭ କୁମାର ବେହେରା ଓ ଝରଣା ବାରିକ ପ୍ରମୁଖ ସ୍ୱରଚିତ କବିତା ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା । ବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ମଲ୍ଲିକ, ସନ୍ତୋଷିନୀ ସାହୁ, ଜଗାଶ୍ରିତା ସାହୁ, ଭୀମସେନ ସାମଲ, ଅମିତା ଦେହୁରୀ, ଇନ୍ଦ୍ରଜିତ ପ୍ରଧାନ ତଥା ଛାତ୍ରୀ ପାୟଲ ମିଶ୍ର, ସୋହନା ସାହୁ, ପ୍ରିୟଦର୍ଶିନୀ ସାହୁ, ଦେବସ୍ମିତା ବିଶ୍ୱାଳ, ପାୟଲ ମିଶ୍ର ଓ ଯାଜ୍ଞସେନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍‌ର ବୈଠକ

**ଢେଙ୍କାନାଳ, ୨।୪ (ସମିସ):** ଢେଙ୍କାନାଳ ଜିଲ୍ଲାଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍, ଓଡ଼ିଶାର ଭର୍ଚୁଆଲ ମୋଡରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ରାଜ୍ୟ ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଜୀବନାବଳୀକୁ ନେଇ ଖୁବ୍ ଶୀଘ୍ର ଏକ ପୁସ୍ତକ, ଓଡ଼ିଆ ଭାଷାରେ, ଇଂରାଜୀ ଭାଷାରେ ଓ ଇ-ବୁକ୍ ପ୍ରସ୍ତୁତ ହେବ ବୋଲି ସ୍ୱର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟର କାର୍ଯ୍ୟାଳୟ ଏକ ଭଡ଼ାଘରେ ଚାଲୁଥିବାରୁ ଜାତୀୟ ପୁରସ୍କାରପ୍ରାପ୍ତ ଇଭେଣ୍ଟ ମ୍ୟାନେଜମେଣ୍ଟର ପ୍ରମୁଖ ସଞ୍ଜୁବାଳା ମିଶ୍ର ସରକାରଙ୍କ ଠାରୁ ଘର କିମ୍ବା ଜାଗା ମିଳିବା ପର୍ଯ୍ୟନ୍ତ ଏକ ଘର ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାକୁ ତେଲଙ୍ଗାପେଣ୍ଟ ଗାନ୍ଧି ସ୍ମୃତି ପୀଠ ସରକାରୀ ଡାକ୍ତରଖାନା ସମ୍ମୁଖରେ ଚଳାଇବାକୁ କହିଥିଲେ । କାର୍ଯ୍ୟାଳୟ କାର୍ଯ୍ୟାକାରୀ କରିବାକୁ ଶ୍ରୀମତୀ ମିଶ୍ର ଆବଶ୍ୟକୀୟ ସରଞ୍ଜାମ ଦେବାକୁ ସମ୍ମତି ପ୍ରଦାନ କରିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି, ସାଧାରଣ ସମ୍ପାଦକଙ୍କ ସହ ଉପସଭାପତି କୃଷିଦା ବେଗମ୍, ରାଧାଶ୍ୟାମ ପଣ୍ଡା, ଦୁଃଖ ବନ୍ଧୁ ସାହୁ, କୋଷାଧ୍ୟକ୍ଷ ଡଃ ଗଙ୍ଗୋତ୍ରୀ ଦେବୀ, ସମ୍ପାଦକ ବସନ୍ତ କୁମାର ସାହୁ, ମନୋଜ ମଞ୍ଜରୀ ଲେଙ୍କା, ବିବାସିନୀ ମିଶ୍ର, ସଞ୍ଜୁବାଳା ମିଶ୍ର, ବିନୟ ପାଣି, ବୈଲୋଚନ ସାହୁ, ନିଳିମା କୁମାରୀ ସାହୁ, କବିତା ଦେବୀ, ବଳରାମ ସାହୁ, ମହେନ୍ଦ୍ର କୁମାର ପଟେଲ୍, ଡଃ ପ୍ରଦୀପ କୁମାର ମିଶ୍ର, ଡଃ ନିରଞ୍ଜନ ମିଶ୍ର, ସୌଭାଗ୍ୟ କୁମାର ପଟେଲ୍, ଗଗନ ବିହାରୀ ପଣ୍ଡା, ଓ ଉର୍ମିଳା ସାମଲ ଥିଲେ ।

# 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଉତ୍କଳ ଦିବସ




**ଢେଙ୍କାନାଳ, ୨।୪ (ସମିସ):** ସ୍ଥାନୀୟ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ପରାମର୍ଶ କ୍ରମେ ପବିତ୍ର ଉତ୍କଳ ଦିବସ ଅବସରେ ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତ ଓ ରୁଦ୍ରାନ୍ତ ଦଳେଇଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଢେଙ୍କାନାଳ ସହର ମଧ୍ୟରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପ୍ରଥମେ ବସ୍ଷ୍ଟାଣ୍ଡ ନିକଟରେ ଥିବା ଶହୀଦ ସ୍ତମ୍ଭ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଜିଲ୍ଲା କୋର୍ଟ ନିକଟ ମଧୁସୂଦନ ଦାସ, ବଳରାମ ମନ୍ଦିର ନିକଟସ୍ଥ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଓ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି, ରଥଗଡ଼ା ପରିବା ମାର୍କେଟ୍ ପାଖରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଥିବା ସେବା ପୁରୁଷ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ସହର ମଧ୍ୟସ୍ଥ ସୁପର ମାର୍କେଟ୍ରେ ଲୌହମାନବୀ ଇନ୍ଦିରା ଗାନ୍ଧୀ, ବାଜି ଚୌକସ୍ଥିତ ସର୍ବକନିଷ୍ଠ ଶହୀଦ୍ ବାଜି ରାଉତଙ୍କ ପ୍ରତିମୂର୍ତ୍ତି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ. ବି.ଆର୍. ଆମ୍ବେଦ୍କର ଓ ମୁଖ୍ୟ ଷ୍ଟାଡିୟମ ସମ୍ମୁଖରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ପ୍ରତାପ ଦାସ, ମାମାଲି ମିଶ୍ର, ସ୍ନିଗ୍ଧାରାଣୀ ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ନଜୁ ମହମ୍ମଦ, ଅକ୍ତର ଅଲ୍ଲି, ଆନନ୍ଦ ସେଠୀ, ସାହିର୍ ମହମ୍ମଦ, ଅନିଲ୍ ରାଉତ, ବୁଲୁ ଜେନା, ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ ।

# କିଶୋରନଗରରେ ଉତ୍କଳ ଦିବସ



**କିଶୋରନଗର, ୨।୪(ସମିସ):** କିଶୋରନଗର ଉତ୍କଳ ସମ୍ମିଳନୀ ଓ ଅନୁଗୋଳ ଶାଖା, କଳ୍ପତରୁ ଆନୁକୂଲ୍ୟରେ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, କିଶୋରନଗରଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା ସଭାପତି ଡ଼ା ଅଲେଖ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ଼ଃ ଧରଣୀଧର ନାଥ, ମୁଖ୍ୟବକ୍ତା ଡ଼ଃ ନନ୍ଦ କିଶୋର ମହାକୁଡ଼ ଏବଂ ସମ୍ମାନିତ ଅତିଥି ଭାବେ ଇଂ ଧନେଶ୍ୱର ସାହୁ, ଶିକ୍ଷାବିତ ଅରୁଣ କୁମାର ବିଶ୍ୱାଳ ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଞ୍ଜଳି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ 'କଳ୍ପତରୁ' ସଭାପତି ସୁଧୀରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ରଞ୍ଜିତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ଼ା ଅଲେଖ କୁମାର ପ୍ରଧାନଙ୍କ ଦ୍ୱିତୀୟ ପୁସ୍ତକ ' କିଛି କଥା କିଛି ବ୍ୟଥା ' ଅତିଥିମାନେ ଉନ୍ମୋଚିତ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିବରାମ ମିଶ୍ର, ଇଂ ରାଜ କିଶୋର ଷଡ଼ଙ୍ଗୀ, ରଞ୍ଜିତ ପ୍ରଧାନ, ପାୟଲ ପଟେଲ, ପ୍ରିୟଦର୍ଶିନୀ ଦାସ, ଲିପିକା ମହାପାତ୍ର ଓ ହରିହର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଦ୍ୱିତୀୟ ଅଧିବେଶନର ' ମାତୃଭୂମି - ମାତୃଭାଷାର ସୁରକ୍ଷା ଓ ଆମର ଦାୟିତ୍ୱବୋଧ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିରଞ୍ଚି ନାୟକ, ଡ଼ା ଅରୁଣ କୁମାର ପ୍ରଧାନ, ସୁଦର୍ଶନ ଛୋଟରାୟ, ସ୍ନିଗ୍ଧା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ ।

# ଆଞ୍ଚଳିକ ବିକାଶ ସମିତି ତରଫରୁ ଉତ୍କଳ ଦିବସ

**ଢେଙ୍କାନାଳ, ୨।୪ (ସମିସ) :** ସ୍ଥାନୀୟ ଶ୍ୟାମାଚରଣପୁର ଆଞ୍ଚଳିକ ବିକାଶ ସମିତି ତରଫରୁ ପବିତ୍ର ଉତ୍କଳ ଦିବସରେ ୨ଜଣ ପୂର୍ବତନ ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି । ବିକାଶ ସମିତିର ସଭାପତି ଯୋଗୀନାଥ ମହାନ୍ତି, ସମ୍ପାଦକ ପ୍ରସନ୍ନ କୁମାର ସାହୁ, ବରିଷ୍ଠ ସଭ୍ୟ ଅରୁଣ ମହାନ୍ତି, ପ୍ରଶାନ୍ତ ମିଶ୍ର ଓ ଅନ୍ୟ ସଭ୍ୟମାନେ ପୂର୍ବତନ ୨ଜଣ ସମ୍ପାଦକ ଅବସରପ୍ରାପ୍ତ ପ୍ରଫେସର ରାମଚନ୍ଦ୍ର ଦାସ ଓ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ଶିକ୍ଷା ବିଭାଗର ଅଧିକାରୀ ହୃଦାନନ୍ଦ ବରାଳଙ୍କ ବାସଭବନକୁ ଯାଇ ପବିତ୍ର ଉତ୍କଳ ଦିବସରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ।

# ଭାଗବତ ପାରାୟଣ ଉଦ୍‌ଯାପିତ

**ଢେଙ୍କାନାଳ, ୨।୪ (ସମିସ) :** ସ୍ଥାନୀୟ ଦଧିବାମନଜୀଉ ମଠ ପରିସରସ୍ଥ ଭାଗବତ ପରିଷଦ ଆନୁକୂଲ୍ୟରେ ୪୧ତମ ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନ ଯଜ୍ଞ ତଥା ଘୃତଯଜ୍ଞର ପୂର୍ଣ୍ଣାହୁତି ବ୍ୟାସ, ଯାଜ୍ଞିକ ଓ ପରିଷଦ କର୍ମକର୍ତାଙ୍କ ଦ୍ୱାରା ସମ୍ପନ୍ନ କରାଯାଇଅଛି । ଚରୁଅନ୍ନ ପ୍ରସ୍ତୁତି ଓ ପୂର୍ଣ୍ଣହୁତି ପ୍ରଦାନରେ ମୁଖ୍ୟ ଯାଜ୍ଞିକ ଜଗନ୍ନାଥ ତ୍ରିପାଠୀ, ପୂଜକ ଅଖିଳ ତ୍ରୀପାଠୀ, ସୁଧାଂଶୁ ଶତପଥି, ବିଭୁ ପ୍ରସାଦ ଦ୍ୱିବେଦୀ ପ୍ରମୁଖ ପୂର୍ଣ୍ଣହୁତି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ସାତଦିନ ବ୍ୟାପୀ ସମସ୍ତ କାର୍ଯ୍ୟରେ ପ୍ରସନ୍ନ କୁମାର ସାହୁ ନିଷ୍ଠାର ସହିତ ସହଯୋଗ କରିଥିଲେ ।

# ପୁସ୍ତକ 'ଲୋକସମ୍ପର୍କ ଓ କର୍ପୋରେଟ୍ ଯୋଗାଯୋଗ'ର ପ୍ରଚ୍ଛଦ ଉନ୍ମୋଚିତ

**ଢେଙ୍କାନାଳ, ୨।୪(ସମିସ):** ଗଣମାଧ୍ୟମ ଶିକ୍ଷାବିତ୍ ତଥା ଭାରତୀୟ ଜନସଞ୍ଚାର



ସଂସ୍ଥାନ ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀଙ୍କ ପୁସ୍ତକ ଲୋକସମ୍ପର୍କ ଓ କର୍ପୋରେଟ ଯୋଗାଯୋଗର ପ୍ରଚ୍ଛଦ ଉନ୍ମୋଚିତ ହୋଇଛି । ଏହି ପୁସ୍ତକର ସହଲେଖକ ଅଛନ୍ତି ସୌମ୍ୟରଞ୍ଜନ ବିହାରୀ । ପୁସ୍ତକର ପ୍ରଚ୍ଛଦ ପ୍ରସ୍ତୁତ କରିଛନ୍ତି ଜିତେନ୍ଦ୍ର ପତି । ଉତ୍କଳ ଦିବସ ଅବସରରେ ଆଇଆଇଏମ୍ସିର ସମ୍ମିଳନୀ କକ୍ଷଠାରେ ଏହି ପୁସ୍ତକର ପ୍ରଚ୍ଛଦ ଉନ୍ମୋଚନ କରିଛନ୍ତି ଅତିଥି ଅଧ୍ୟାପକ ଶ୍ରୀମୟ ପାତ୍ର । ୧୭ଟି ଅଧ୍ୟାୟକୁ ନେଇ ପ୍ରସ୍ତୁତ ଏହି ପୁସ୍ତକରେ ଲୋକ ସମ୍ପର୍କର ଉଭୟ ତାତ୍ତ୍ୱିକ ଓ ବ୍ୟାବହାରିକ ଦିଗ ଉପରେ ଆଲୋଚନା ହୋଇଛି ।

# ରାଧାକୃଷ୍ଣ ଲୋକନାଟ୍ୟ ଗୁରୁପୂଜନ ଓ କଳାକାର ସମ୍ମାନ ଉତ୍ସବ

**କଣିହାଁ, ୨।୪(ସମିସ):** କଣିହା ବ୍ଲକ ବଡ଼ତ୍ରିବିଡ଼ା ଗ୍ରାମର ରାଧାକୃଷ୍ଣ ଲୋକନାଟ୍ୟ ଗୁରୁ ପୂଜନ ଓ କଳାକାର ସମ୍ମାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶ୍ରମିକ ନେତା



ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅତିଥି ଭାବେ ଲୋକନାଟ୍ୟ ଗୁରୁ ରବି ବିଶ୍ୱାଳ, ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ ଗ୍ରାମ ସଭାପତି ଛବିନ୍ଦ୍ର ବେହେରା କମିଟ ସଦସ୍ୟ ପୀତାମ୍ବର ବେହେରା, ଅଭିରାମ ସାମଲ ଯୋଗଦେଇଥିଲେ । ରାଧାକୃଷ୍ଣ ଲୋକନାଟ୍ୟ ସଂଘ ପକ୍ଷରୁ ପ୍ରଥମେ ଗୁରୁପୂଜନ କରି ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ରାଧାକୃଷ୍ଣ ଲୋକନାଟ୍ୟ ସଂଘ ପକ୍ଷରୁ ଦୋଳପୂର୍ଣ୍ଣିମାରେ 'ଲୁହରୁ ଆରମ୍ଭ ଲୁହରେ ଶେଷ' ନାଟକ ପରିବେଷଣ କରିଥିଲେ । କମିଟର ମ୍ୟାନେଜର୍ ଅଲେଖ ଚନ୍ଦ୍ର ସାହୁ ନାଟ୍ୟ ପରିଚାଳନା କରିଥିଲେ ସୁବ୍ରତ କୁମାର ପ୍ରଧାନ ଅଶୋକ କୁମାର ବେହେରା ସଞ୍ଜୟ ବେହେରା ଏବଂ ଅନ୍ୟାନ୍ୟ କଳାକାରମାନଙ୍କୁ କମିଟି ପକ୍ଷରୁ ସମ୍ମାନିତ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିରେ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ଝାଞ୍ଜିରିବେରେଣା ଗ୍ରାମବାସୀ

## ଭୋଟ ବର୍ଜନ କରିବାକୁ ଚେତାବନୀ

**ଢେଙ୍କାନାଳ, ୨।୪ (ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ଝାଞ୍ଜିରିବେରଣା ଗ୍ରାମବାସୀ ବିଭିନ୍ନ ମୌଳିକ ସେବାରୁ ବଞ୍ଚିତ ହେବା ଘଟଣାକୁ ନେଇ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚରମ ନିଷ୍ପତ୍ତି ନେଇଥିବାର ଜଣାପଡ଼ିଛି । ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକକୁ ଅନ୍ୟ ବିକଶିତ ଅଞ୍ଚଳ ଭଳି ଆଗେଇ ନେବାପାଇଁ ସରକାରଙ୍କ ତରଫରୁ ଏହି ବ୍ଲକକୁ ଆକାଂକ୍ଷା ବ୍ଲକ ଭାବେ ମନୋନୀତ କରାଯାଇ ପ୍ରଶାସନିକ ଉଚ୍ଚ ଅଧିକାରୀମାନେ ବାରମ୍ବାର ଆସି ସମୀକ୍ଷା ବୈଠକ କରିଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହେଉଛି । ଏହି ବ୍ଲକର ଆଦିବାସୀ ଅଧ୍ୟୁଷିତ କେରଜୁଳି ପଞ୍ଚାୟତ ଅନ୍ତର୍ଗତ ଝାଞ୍ଜିରିବେରଣା ଗାଁ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଏକ ଆଦିବାସୀ ଗ୍ରାମ । ଏହି ଗ୍ରାମରେ ୮୨ ଟି ପରିବାର ବସବାସ କରୁଛନ୍ତି । ଆଜି ଗ୍ରାମବାସୀ ଓ ଗ୍ରାମ ସଭାପତି ଗୋବର୍ଦ୍ଧନ ପ୍ରଧାନଙ୍କ ନେତୃତ୍ୱରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଗ୍ରାମବାସୀ ସମୂହ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମକୁ ରାସ୍ତା ନାହିଁ ତ ଭୋଟ ନାହିଁ, ଗାଁକୁ ବିଦ୍ୟୁତ ନାହିଁ ତ ଭୋଟ ନାହିଁ, ଗାଁରେ ଖେଳ ପଡ଼ିଆ ନାହିଁ ତ ଭୋଟ ନାହିଁ, ଗାଁରେ ଲକ୍ଷ୍ମୀ ବସ ଯୋଜନା ନାହିଁ ତ ଭୋଟ ନାହିଁ ଜିଦରେ ଅଟଳ ରହିଛନ୍ତି । ପ୍ରତି ନିର୍ବାଚନରେ ନେତାମାନେ ଗାଁକୁ ଆସି ଭୋଟ ମାଗିଥାନ୍ତି ହେଲେ ନିର୍ବାଚନ ସରିଲା ପରେ ନେତାଙ୍କ ପାଦ ଗାଁରେ ପଡେନାହିଁ । ବ୍ଲକ ସଦର ମହକୁମା ଠାରୁ ୧୫ କିମି ଦୂରରେ ଅବସ୍ଥିତ ଏହି ଅବହେଳିତ ଗାଁ । ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇ ଏକ ପୋଷ୍ଟର ହାତରେ ଧରି ଗାଁର ମୌଳିକ ସମସ୍ୟାର ସମାଧାନ ଦାବିରେ ବିଭିନ୍ନ ନାରା ଦେଉଥିବା ଦେଖିବାକୁ ମିଳିଥିଲା ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଶାନ୍ତିଲତା ମହାପାତ୍ର
ଆବିର୍ଭାବ : ୨୦/୦୧/୧୯୪୦
ତିରୋଧାନ : ୧୫/୦୩/୨୦୨୩
ସିମୋର, ବେଗୁନିଆ, ଖୋର୍ଦ୍ଧା

ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ । ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।

ହତଭାଗ୍ୟ ପୁତ୍ର ଓ ପୁତ୍ରବଧୂ ବଲ୍ଲଭ, ସୁଲଭ, ଅକ୍ଷୟ, ଅଜୟ, ସନ୍ତୋଷ, ବାବୁଲି, ସଞ୍ଜୁ, ସୁଚି,ଚିନୁ,ଡଲି, ଲକି, ଜିନା, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ

## ବନ୍ଧପଡ଼ା ଓ ରାଜପୁର ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ



**ରାଜନଗର,୨।୪(ସମିସ):** ରାଜନଗର ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବନ୍ଧପଡା ଓ ଓସ୍ତିଆ ପଞ୍ଚାୟତ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବନ୍ଧପଡା ଓ ରାଜପୁର ପଞ୍ଚାୟତର ସମସ୍ତ ୱାର୍ଡର ସକ୍ରିୟ ସଦସ୍ୟ ଓ ସଦସ୍ୟାମାନେ ଯୋଗଦେଇ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଜୁନ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ଏହି ଦୁଇ ପଞ୍ଚାୟତରୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ସବୁଠୁ ଅଧିକ ଭୋଟ ପାଇବେ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା । ବୈଠକରେ ଆମ୍ବିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ବିଜେଡି ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜୁ ଜନତା ଦଳର ସଂପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ସରପଞ୍ଚ ପୁଷ୍ପଲତା ପାତ୍ର, ପଞ୍ଚାୟତ ସଭାପତି ନଳିନୀ ନାଥ, ରାଜେନ୍ଦ୍ର ରାଉତ, ନିମାଇଁ ଚରଣ ରାଉତ, ଶ୍ରୀନିବାସ ରାଉତ ପ୍ରମୁଖ ଶତାଧିକ ସକ୍ରିୟ କର୍ମୀମାନେ ଯୋଗଦେଇଥିଲେ ।

# ପ୍ରେମ ବିବାହକୁ ବିରୋଧ କରି ଥାନାରେ ତୁମୁଳକାଣ୍ଡ

କେନ୍ଦ୍ରାପଡ଼ା,୨।୪(ସମିସ)

ପ୍ରଥମେ ପ୍ରେମ ବିବାହ। ବିବାହକୁ ବିରୋଧ କରି କନ୍ୟାପକ୍ଷଙ୍କ ପକ୍ଷରୁ ଥାନାରେ ଏତଲା । ଏତଲା ପରେ ଝିଅ ପୁଅକୁ ଥାନାରୁ ସମାଧାନ ନିମନ୍ତେ ଡାକରା ଆସିଥିଲା। ଉଭୟ ପକ୍ଷ ଥାନାରେ ପହଞ୍ଚିଥିଲେ। ଥାନା ଅଧିକାରୀ ନିଜ ଚାମ୍ବରକୁ ଡକାଇଥିଲେ। ଏହି ସମୟରେ ଉଭୟ ପରିବାର ମଧ୍ୟରେ ଥାନାରେ ବଚସା

## ସମାଧାନ କରିବାକୁ ଯାଇ ଉଭୟ ପକ୍ଷ ମାର୍‌ପିଟ୍

ଆରମ୍ଭ ହୋଇଥିଲା। ଏହି ବଚସାରୁ ତୁମୁଳକାଣ୍ଡ ଆରମ୍ଭ ହୋଇଥିଲା। ଉଭୟ ଉଭୟଙ୍କ ମଧ୍ୟରେ ମାରପିଟ ହୋଇ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

ପ୍ରେମରେ ବି ଏମିତି ବି ହୁଏ । ନବ ବିବାହିତ ଦମ୍ପତି ଏବଂ ନବବଧୂର ପରିବାର ମଧ୍ୟରେ ଠେଲାପେଲା ସହିତ ମାରପିଟ ତାହାପୁଣି ମହାକାଳପଡା ଥାନା ପରିସରରେ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବର କନିଆ ଏବଂ କନିଆଙ୍କ ବାପାଙ୍କୁ ମହାକାଳପଡା





ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବାକୁ ପଡ଼ିଲା। ମହାକାଳପଡା ବ୍ଲକ ପେଟଛେଲା ପଞ୍ଚାୟତ ସରୁମୁହିଁ ଗ୍ରାମର ବିଶ୍ୱଜିତ୍ ଦାସ ଏବଂ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଗଣ୍ଡକିପୁର ଗ୍ରାମର ସୋନାଲିସା ଦାସ ଗତ ମାର୍ଚ୍ଚ ୨୬ ତାରିଖ ନୋଟାରି ଏବଂ ଏକ ମନ୍ଦିରରେ ମଧ୍ୟ ବିବାହ କରିଥିଲେ। ବିବାହ ସମୟରେ ବିଶ୍ୱଜିତଙ୍କ ବୟସ ୨୪ ବର୍ଷ ହୋଇଥିବା ବେଳେ ସୋନାଲିସାଙ୍କ ବୟସ ୨୦ ବର୍ଷ ହୋଇଥିଲା। ସୋନାଲିସା ତାଙ୍କ ପରିବାରକୁ ନଜଣାଇ ବିବାହ କରିଥିବାରୁ ତାଙ୍କ ପରିବାର ପକ୍ଷରୁ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଥାନାରେ ଘଟଣାର ଉଭୟ ପକ୍ଷକୁ ଡକାଯାଇ ଥିଲା କିନ୍ତୁ କିଛି ସମୟ ପାଇଁ ଥାନା ପରିସରରେ ସୃଷ୍ଟି ହୋଇଥିଲା ତୁମୁଳ କାଣ୍ଡ।

ସୋନାଲିସାଙ୍କ ପରିବାର ତାଙ୍କ ମୁଣ୍ଡରୁ ସିନ୍ଦୁର ପୋଛିଦେବା ଏବଂ ହାତରୁ ଶଂଖା ଓ କାଚ ଭାଙ୍ଗି ଦେବାରୁ ବିଶ୍ୱଜିତ ଏହାକୁ ବିରୋଧ କରିଥିଲେ। ବିରୋଧ କରିବାରୁ ବିଶ୍ୱଜିତଙ୍କୁ ସୋନାଲିସାଙ୍କ ପରିବାର ଲୋକେ ମାରପିଟ କରିଥିଲେ। ଉଭୟ ବିଶ୍ୱଜିତ ଏବଂ ସୋନାଲିସା ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି ହୋଇଥିଲେ। ପରେ ସୋନାଲିସାଙ୍କ ବାପା ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିହେଲେ। ମହାକାଳପଡା ଥାନା ଅଧିକାରୀଙ୍କ ଉପସ୍ଥିତରେ ମୁଁ ମୋ ନିଜ ଇଛାରେ ଆସିଛି ଏବଂ ସ୍ୱାମୀଙ୍କ ସହିତ ରିହିବି ବୋଲି ସୋନାଲିସା କହିବାରୁ ଘଟଣାଟି ଶାନ୍ତ ପଡିଥିଲା। ଥାନା ପରିସରରେ ଏହିପରି ମାଡପିଟ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି ।

## ବଢୁଛି ତାପମାତ୍ରା; ଖୋଲୁନି ଜଳଛତ୍ର

**ରାଜକନିକା,୨।୪(ସମିସ):** ଲୋକଙ୍କ ସେବାରେ ସମ୍ପୂର୍ଣ୍ଣ ସମର୍ପିତ ରହି ପ୍ରତିବର୍ଷ ଜଳଛତ୍ର ନାଁ ରେ ରାଜକନିକା ବ୍ଲକର ସମସ୍ତ ୨୯ ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କାର ଫଲସ ବିଲ କରାଯାଉଥିବା ବେଳେ ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଥିଲେ ବି କୌଣସି ପଞ୍ଚାୟତ ଏଯାଏ ଜଳଛତ୍ର ନ ଖୋଲିବା ଆମ ସାମାଜିକ ଉତ୍ତର ଦାୟିତ୍ୱକୁ ପ୍ରଶ୍ନବାଚୀ ଆଣିଦେଇଛି । ପଥଚାରୀଙ୍କୁ ଶୋଷ ସମୟରେ ପାଣି ନ ଦେଇ କେବଳ ବିଲ କରିବା ପାଇଁ ସବୁ ସରକାରୀ ବ୍ୟବସ୍ଥା ସଜାଗ ହେବା ବେଳକୁ ଲୋକେ ଶୋଷରେ ମରିବା ସାର ହେବ ବୋଲି ଅଚ୍ୟୁତପୁରର ରମାକାନ୍ତ ବାରିକ କହିଛନ୍ତି। ସେହିଭଳି ପଞ୍ଚାୟତର ପିଇଓ ଓ ସରପଞ୍ଚ ମାନେ ପାଣି ବାଣ୍ଟିବାକୁ କାହା ନିର୍ଦ୍ଦେଶକୁ ଅନେଇ ବସିଛନ୍ତି ବୋଲି ବସରେ ଯାଉଥିବା ସାବିତ୍ରୀ ମହାଳିକ କହିଛନ୍ତି। ରାଜକନିକାର ସମସ୍ତ ବ୍ୟସ୍ତବହୁଳ ରାସ୍ତା, ଛକ, ବଜାରରେ ପଞ୍ଚାୟତ ଏବଂ ଏପରିକି ଚନ୍ଦନପୋଖରୀ ଛକରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଖୋଲୁଥିବା ଜଳଛତ୍ର ଖୋଲିବାକୁ ମଧ୍ୟ ଉଦ୍ୟମ ହୋଇନାହିଁ । ସପ୍ତାହକ ଆଗରୁ ପାଣିପାଗର ପୂର୍ବାନୁମାନରୁ ଚଳିତ ସପ୍ତାହରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ଥିବା ବେଳେ ଏ ପ୍ରକାର ଆଲର୍ଟ ପରେ ବି ବ୍ଲକ ପ୍ରଶାସନ କୌଣସି ପ୍ରକାର ଉଦ୍ୟମ ନ କରିବା ଆମ ପ୍ରଶାସନର ଉତ୍ତର ଦାୟିତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି । ପାଣି ଦେବା ନାଁ ରେ ପ୍ରତି ବର୍ଷ ରାଜକନିକା ବ୍ଲକରୁ ଲକ୍ଷ ଲକ୍ଷ ଟଙ୍କା ବିଲ ହେଉଥିବା ବେଳେ ଲୋକଙ୍କୁ ଉଚିତ ଶୋଷ ସମୟରେ ଜଳଛତ୍ର ଜରିଆରେ ପାଣି ଦେବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ବାଲିଆ ମଧୁସାଗର ମହୋତ୍ସବ

## 'ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରେ ମହୋତ୍ସବ'



**ଡେରାବିଶ,୨।୪(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ଠାରେ ରବିବାରଠାରୁ ମଧୁସାଗର ମହୋତ୍ସବ ଆରମ୍ଭ ହୋଇଛି । ମହୋତ୍ସବ କମିଟିର ସଭାପତି ଡା.ବିଶ୍ୱ ପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଇଂ ମୁରଲୀଧର ସେଠୀ ଯୋଗଦେଇ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହୋତ୍ସବ ସହାୟକ ହୋଇଥାଏ ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟିକା ଡଃ ସିପ୍ରା ମଲିକ ଯୋଗଦେଇ ଯେଉଁ ଅଞ୍ଚଳର ସଂସ୍କୃତି ଯେତେ ମହାନ ସେହି ଅଞ୍ଚଳର ସାମାଜିକ ବ୍ୟବସ୍ଥା ସେତେ ସୁଦୃଢ଼ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଡଃ କଳ୍ପନା ମଲିକ, ଡା. ସ୍ନେହଲତା କାନୁନ୍‌ଗୋ, ଡଃ. ରତିକାନ୍ତ କାନୁନ୍‌ଗୋ, ଉମେଶ ତ୍ରିପାଠୀ, ନିରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟିର ସମ୍ପାଦକ ଦେବକୀନନ୍ଦନ ମିଶ୍ର ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ମଦନ ମୋହନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ୨୦୨୪ର ମଧୁସାଗର ସ୍ମରଣିକା ଉନ୍ମୋଚନ କରିଥିଲେ। ସାଂସ୍କୃତିକ ସଂଗଠକ ଶରତ ଚନ୍ଦ୍ର ପଣ୍ଡା, ଗଜେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ପତି ଓ ନନ୍ଦିତା ଦାସଙ୍କ ଦ୍ୱାରା ବାଲିଆ ଉଚ୍ଚବିଦ୍ୟାଳୟ ଓ ରାଧାକାନ୍ତଜୀଉ ଉଚ୍ଚବିଦ୍ୟାଳୟ ବଡ଼ଗାଁର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ମଞ୍ଚ ପରିଚାଳନାରେ ନାରାୟଣ ସ୍ୱାଇଁ, ମନୋଜ ବାରିକ, ବସନ୍ତ ଜେନା, ନଗେନ୍ଦ୍ର ରାଉତ, ପ୍ରାଣକୃଷ୍ଣ ସାମଲ, ମହେଶ୍ୱର ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପ୍ରସନ୍ନ ପ୍ରଧାନ, ଶରତ କୁମାର ଆଚାର୍ଯ୍ୟଙ୍କୁ ଶିକ୍ଷକ ରତ୍ନ ଓ ସମାଜସେବା କ୍ଷେତ୍ରରେ ଆଶୀଷ କୁମାର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଧକ୍କାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା,୨।୪(ସମିସ):** ପିଲାଙ୍କୁ ପାଠ ପଢ଼ାଇ ହସଖୁସିରେ ଘରକୁ ଫେରୁଥିଲେ। ଘରେ ଯାଇ ପରିବାର ସହ ମଧ୍ୟାହ୍ନ ଭୋଜନ କରିଥାନ୍ତେ। ହେଲେ ସବୁ ଆଶା ତାଙ୍କର ନିରାଶା ହୋଇଗଲା। ରାସ୍ତାରେ ଯାଉଥିବାବେଳେ ହଟାତ ହାଇୱା ମାଡ଼ିଗଲା। ପ୍ରଥମେ ସ୍କୁଟିକୁ ହାଇୱା ଧକା ଦେଲା। ସ୍କୁଟିରେ ଥିବା ଜଣେ ଶିକ୍ଷୟିତ୍ରୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଗଲା। ସ୍କୁଟି ଚଳାଉଥିବା ଅନ୍ୟ ଜଣେ ଶିକ୍ଷୟିତ୍ରୀ ଅଳ୍ପକେ ବର୍ତ୍ତିଗଲେ।

ମୃତ ଶିକ୍ଷୟିତ୍ରୀଜଣଙ୍କ ହେଲେ ସଦର ଥାନା ଅନ୍ତର୍ଗତ ଇଟିପୁର ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଯମୁନା ସାମଲ(୪୭)। କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ଘରକୁ ଯାଉଥିବା ବେଳେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ ସକାଳୁଆ ସ୍କୁଲ ଶେଷ କରି ଦୁଇ ଜଣ ଶିକ୍ଷୟିତ୍ରୀ ଏକ ସ୍କୁଟିରେ ଜଜାଙ୍ଗସ୍ଥିତ ନିଜ ନିଜ ଘରକୁ ଫେରୁଥିବା ସମୟରେ ପଟ୍ଟାମୁଣ୍ଡାଇ ପଟୁ ଏକ ହାଇୱା ଦ୍ରୁତ ଗତିରେ ଆସି ସ୍କୁଟିକୁ ଧକା ଦେଇଥିଲା ।ଯାହାଫଳରେ ସ୍କୁଟି ଚଳାଉଥିବା ଶିକ୍ଷୟିତ୍ରୀଜଣଙ୍କ ରାସ୍ତା କଡ଼କୁ ଛିଟିକି ପଡିଥିବାବେଳେ ଯମୁନା ରାସ୍ତା ଉପରେ ପଡିଯାଇଥିଲେ। ଘଟଣା ସ୍ଥଳରେ ଯମୁନାଙ୍କ ଉପରେ ହାଇୱା ଚଢ଼ିଚାଲିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସ୍ଥାନୀୟ ଲୋକେ ହାଇୱାକୁ ଗୋଡ଼ାଇ ଗରାପୁର ଛକରୁ ଧରିଥିବାବେଳେ ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ହାଇୱାଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିବା ବେଳେ ଅନ୍ୟ ଜଣେ ଆହତ ଶିକ୍ଷୟିତ୍ରୀଙ୍କୁ ଚିକିତ୍ସିତ କରାଯାଉଛି।

## କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ତରଫରୁ ଜଳଛତ୍ର

**ଡେରାବିଶ,୨।୪(ସମିସ):** ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବାଯୋଜନା ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ଜଳଛତ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି କଟକ-ଚାନ୍ଦବାଲି ରାଜରାସ୍ତା ତଥା ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ଅନୁଷ୍ଠିତ ଏହି ଜଳଛତ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବାଯୋଜନାର ସ୍ୱେଚ୍ଛାସେବୀ ବିକାଶ ମଲିକ, ଶ୍ରୀଧର ଦାସ, ପ୍ରଭାତ ବେହେରା, ଅଭିଷେକ ସାହୁ, ହିରାମଣୀ ପ୍ରଧାନ, କ୍ଷିରାବ୍ଧିତନୟା ମଲିକ. ଶୁଭଶ୍ରୀ କର,ମିରାମୌସୁମୀ ଜେନା, ଭାଗ୍ୟଶ୍ରୀ ଚୁଳି, ରଶ୍ମିତା ବେହେରା ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

## ୩ ବିଧାନସଭା କ୍ଷେତ୍ର ପାଇଁ ବିଜେପି ପ୍ରାର୍ଥୀ ଘୋଷଣା

**କେନ୍ଦ୍ରାପଡ଼ା,୨।୪(ସମିସ):** ସାଧାରଣ ନିର୍ବାଚନକୁ ଆଉ ଦୁଇ ମାସ ବାକି ରହିଥିବା ଥିବାବେଳେ ଏବେଠୁ ରାଜନୀତି ସରଗରମ ହେଲାଣି । ବିଜେଡ଼ି ପକ୍ଷରୁ ପ୍ରଥମେ ବିଧାନସଭା ଓ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା ହୋଇଥିଲା । ଏହାପରେ ବିଜେପି ତାର ପ୍ରାର୍ଥୀତ୍ୱ ମଙ୍ଗଳବାର ଘୋଷଣା କରିଛି । ବିଜେପି ପକ୍ଷରୁ ରାଜ୍ୟର ୧୧୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବା ବେଳେ ସେଥିରେ କେନ୍ଦ୍ରାପଡା ଜିଲ୍ଲାର ୩ଟି ଆସନ ପାଇଁ ନାମ ଘୋଷଣା କରାଯାଇଛି । ଆଳି ବିଧାନସଭା କ୍ଷେତ୍ର ପାଇଁ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନାମ ଘୋଷଣା କରାଯାଇଥିବା ବେଳେ ପାଟକୁରା ବିଧାନସଭା ଆସନ ପାଇଁ ତେଜେଶ୍ୱର ପରିଡା ଓ ମହାକାଳପଡା ବିଧାନସଭା ଆସନ ପାଇଁ ଡ. ଦୂର୍ଗା ପ୍ରସନ୍ନ ନାୟକଙ୍କ ନାମ ଘୋଷଣା ହୋଇଛି। ଶ୍ରୀ ପଣ୍ଡା ଗତ ୨୦୧୭ ମସିହାରେ ପୁଲିସ ଚାକିରିରୁ ଅବସର ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଜଡିତ ରହି ସମାଜସେବା କାର୍ଯ୍ୟ କରି ଆସୁଛନ୍ତି। ୨୦୧୯ ମସିହାରେ ସେ ବିଜେପିରେ ଯୋଗ ଦେଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ବିଜେପିର ଉପସଭାପତି ଅଛନ୍ତି। ସେ ଆଳିରେ ବିଜେପି ସଂଗଠନକୁ ମଜଭୁତ କରିବା ପାଇଁ ଉଦ୍ୟମରତ ଅଛନ୍ତି । ପାଟକୁରାର ଶ୍ରୀ ପରିଡା ଜଣେ ଉଚ୍ଚଶିକ୍ଷିତ ଯୁବକ ଅଟନ୍ତି । ସେ ୧୦ବର୍ଷ ତଳେ ବିଜୁଜନତା ଦଳରେ ଯୋଗ ଦେଇ ରାଜ୍ୟ ଖଦି ବୋର୍ଡର ଅଧ୍ୟକ୍ଷ ରହି କାର୍ଯ୍ୟ ନିର୍ବାହ କରିଥିଲେ। ବିଜେଡି ମୁଖପାତ୍ର ଭାବେ ମଧ୍ୟ ସେ ଏକ ଚର୍ଚ୍ଚିତ ଚେହେରା ଥିଲେ। ବିଗତ ନିର୍ବାଚନରେ ତାଙ୍କୁ ବିଜେଡି ପକ୍ଷରୁ ଟିକଟ ପ୍ରଦାନ କରାନଯିବାରୁ ସେ ବିଜେପିରେ ଯୋଗ ଦେଇ ଦଳୀୟ ମୁଖପାତ୍ର ଭାବେ କାର୍ଯ୍ୟ ନିର୍ବାହ କରି ଆସୁଛନ୍ତି। ଏଥିସହିତ ସେ ପାଟକୁରା ବିଧାନସଭା କ୍ଷେତ୍ରରେ ସଂଗଠନ ଜାରି ରଖିଛନ୍ତି। ସେହିଭଳି ଭାବେ ମହାକାଳପଡା ବିଧାନସଭା କ୍ଷେତ୍ର ପାଇଁ ବିଜେପି ପ୍ରାର୍ଥୀ ଭାବେ ଘୋଷିତ ଡ. ନାୟକ ଏକ ଫାର୍ମାସିଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ବେଳେ ଗତ ୨୦୧୮ ମସିହାରେ ସେ ବିଜେପିରେ ଯୋଗ ଦେଇଥିଲେ । ତାଙ୍କୁ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚାର ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା । ବର୍ତ୍ତମାନ ସେ ସେହି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ସେ ଫାର୍ମାସିଷ୍ଟ ମହାବିଦ୍ୟାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଅଛନ୍ତି।

## ୮୯ତମ ଉତ୍କଳ ଦିବସ ସମାରୋହ

**ଡେରାବିଶ,୨।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାଲିଆ ଠାରେ ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ପ୍ରତିଷ୍ଠାନ ସଭାଗୃହରେ ନିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ୮୯ ତମ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସୁଲୋଚନା ଦେହୁରୀ ମୁଖ୍ୟ ଅତିଥିଭାବରେ, ଉତ୍କଳ ସମ୍ମିଳନୀର ସମ୍ପାଦିକା ପାର୍ବତୀ ନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ଶିକ୍ଷାବିତ୍ ତପନ କୁମାର ସିଂ, ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ । ଜିଲ୍ଲା ଶାଖାର ସଦସ୍ୟ ତ୍ରୈଲୋକ୍ୟନାଥ ସ୍ୱାଇଁ, ଶରତ କୁମାର ରାଉତ, କ୍ଷିରୋଦ କୁମାର ନାଥ, ମଧୁସୁଦନ ଗେରୁ, କବି ପ୍ରତିଭା ଦାସ, ରମେଶ ଚନ୍ଦ୍ର ପତି, ନାରାୟଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ମଦନ ମୋହନ ବେହେରା ମଞ୍ଚ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଶ୍ରୀମତୀ ଦେହୁରୀ ପ୍ରଦୀପ ପ୍ରଜ୍ୱଳନ ଓ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ରାଜକିଶୋର ନାୟକ, ଅଧ୍ୟାପିକା ସୁନୀତା କୁମାରୀ ବେହେରା, ଅସୀମା ବେହୁରା, ଶ୍ରଦ୍ଧାଞ୍ଜଳି ମାହୁନ୍ତଙ୍କ ସହଯୋଗରେ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା । ପୂର୍ବରୁ ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଷ୍ଠାନର କୃତୀ ଗୁରୁଛାତ୍ର ଓ ଗୁରୁଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶେଷରେ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣକୃଷ୍ଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉତ୍କଳସମ୍ମିଳନୀ ଜିଲ୍ଲା ଶାଖା ସଦସ୍ୟ ବସନ୍ତ କୁମାର ଜେନା ସହଯୋଗ କରିଥିଲେ ।

# ଦିଅଁ ଦର୍ଶନ ଆଳରେ ଧ୍ରୁବ -ଅଂଶୁମାନଙ୍କ ଶକ୍ତି ପ୍ରଦର୍ଶନ

## ଭବ୍ୟ ସ୍ୱାଗତ ଓ ବିଶାଳ ଶୋଭାଯାତ୍ରାରେ ଦୁଲୁକିଲା ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ,୨।୪(ସମିସ)



ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମର୍ଯ୍ୟାଦାଜନକ କେନ୍ଦ୍ରାପଡ଼ା ଲୋକସଭା ଆସନର ବିଜେଡି ପ୍ରାର୍ଥୀ ଭାବେ ଟାଣୁଆ ଯୁବନେତା ଅଂଶୁମାନ ମହାନ୍ତି ଓ ରାଜନଗର ବିଧାନସଭା ଆସନର ପ୍ରାର୍ଥୀ ଭାବେ ଅଭିଜ୍ଞ ବିଧାୟକ ଧ୍ରୁବ ସାହୁଙ୍କ ନାମ ଘୋଷଣା କରିବା ପରେ ପ୍ରଥମ ଥର ପାଇଁ ଉଭୟ ଅଂଶୁମାନ ଓ ଧ୍ରୁବ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ପ୍ରତାପ ଜେନାଙ୍କ ସହିତ ଆଜି ସନ୍ଧ୍ୟାରେ ବିଭିନ୍ନ ଦେବାଦେବୀ ଦର୍ଶନ ପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଆସିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ତଥା ଅଣକଂଗ୍ରେସ ରାଜନୀତିର ଅଭେଦ୍ୟ ଦୁର୍ଗ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ କରି ପଟ୍ଟାମୁଣ୍ଡାଇ ଅଞ୍ଚଳ ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। ତେବେ ଆଜି ସନ୍ଧ୍ୟାରେ ଦିଅଁ ଦର୍ଶନ ନାଁ ରେ ଧ୍ରୁବ ଓ ଅଂଶୁମାନ ଶକ୍ତି ପ୍ରଦର୍ଶନ କରିଛନ୍ତି। ଜିଲ୍ଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରତାପ ଜେନା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଆରତ ରଞ୍ଜନ ବିଶ୍ୱାଳ ସହିତ ଧ୍ରୁବ ଓ ଅଂଶୁମାନ ପଟ୍ଟାମୁଣ୍ଡାଇ ବାଇପାସ୍ ବିଜୁ ପଟ୍ଟନାୟକ ଛକ ଠାରେ ପହଞ୍ଚିବା ପରେ ଖୋର୍ଦ୍ଧା ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲ୍ଲା ଯୁବବିଜେଡି ସମ୍ପାଦକ ଅଶୋକ ଧଳ,ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯଦୁମଣି ଦାଶ, ପ୍ରଦୀପ ପ୍ରଧାନ,ନିମାଇ କର,ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଅବିନାଶ ଲେଙ୍କା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ସନାତନ ବିଶ୍ୱାଳ, ବ୍ରଜବନ୍ଧୁ ଦାଶ, କାଉନସିଲର ଗୋପୀବଲ୍ଲଭ ନାୟକ ଓ ମଳୟ ଓଝା, ବ୍ଲକ ବିଜେଡି ଉପସଭାପତି ସୁବାଷ ଦାଶ ଓ ସୁରେନ୍ଦ୍ର ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ସମର୍ଥକ ଓ ଜନସାଧାରଣ ବାଜା ବାଣ ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲ୍ଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରତାପ ଜେନାଙ୍କ ସହିତ ଧ୍ରୁବ ଓ ଅଂଶୁମାନ ବାଇପାସ ବିଜୁ ପଟ୍ଟନାୟକ ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସମ୍ବିଧାନ ପ୍ରଣେତା ଭି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶୋଭାଯାତ୍ରାରେ ବେଲତଳ ସିଦ୍ଧ ଭୋଳିବାବା ମଠକୁ ଦିଅଁ ଦର୍ଶନ କରିଥିଲେ ଓ ପୋଖରୀଆପଡା ପତିତପାବନ ମନ୍ଦିରରେ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ନରହରି ଲେଙ୍କା ଓ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଭବ୍ୟ ସ୍ୱାଗତ କରିବା ପରେ ନେତୃମଣ୍ଡଳୀ ପତିତପାବନଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ପ୍ରତାପ ଧ୍ରୁବ ଓ ଅଂଶୁମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଲୋକସଭା ଓ ବିଧାନସଭା ପ୍ରାର୍ଥୀଦ୍ୱୟ ପ୍ରଭୁ ହରପାର୍ବତୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ଶ୍ରୀରାମ ମନ୍ଦିରଠାରେ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ ଓ ଉପଦେଷ୍ଟା କିରଣ କୁମାର ଭୂୟାଁ ସ୍ୱାଗତ କରିଥିଲେ। ଏଠାରେ ପ୍ରଭୁ ଶ୍ରୀରାମ, ହନୁମାନଜୀଉ ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ତନୁପୁର ଗ୍ରାମର ବିଭିନ୍ନ ଦେବଦେବୀ ମନ୍ଦିର, ବାଲିପଡ଼ା ହନୁମାନ ମନ୍ଦିର ଓ କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିରକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ । ତେବେ ମୋଟାମୋଟି ଭାବେ ଦିଅଁ ଦର୍ଶନ ନାଁ ଧ୍ରୁବ ଓ ଅଂଶୁମାନ ଶକ୍ତି ପ୍ରଦର୍ଶନ କରିଛନ୍ତି । ହଜାର ହଜାର ବିଜେଡି କର୍ମୀ ବିଶାଳ ଶୋଭାଯାତ୍ରାରେ ଧ୍ରୁବ ଓ ଅଂଶୁମାନଙ୍କୁ ବିଭିନ୍ନ ଦେବାଦେବୀ ମନ୍ଦିରକୁ ପାଛୋଟି ନେଇ ସମଗ୍ର ପଟ୍ଟାମୁଣ୍ଡାଇକୁ ଦୁଲୁକାଇ ଦେଇଛନ୍ତି।

## ଧାନେଶ୍ୱରୀ ପୀଠରେ ନୃତ୍ୟ ମହୋତ୍ସବ

**ପଟ୍ଟାମୁଣ୍ଡାଇ,୧।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ଧାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ହୋଲି ମେଳଣ ଅବସରରେ ସାଇ ଇନଫ୍ରାଟେକ୍ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣ ବିମାନରେ ଆସି ମା' ଙ୍କ ପୀଠରେ ପହଞ୍ଚିବା ସମୟରେ ଭକ୍ତିସଙ୍ଗୀତ ଓ ଭଜନ ତାଳେ ତାଳେ କୁନି ପ୍ରତିଭାମାନଙ୍କ ନୃତ୍ୟରେ ସମବେତ ଶ୍ରଦ୍ଧାଳୁମାନେ ମନ୍ତ୍ରମୁଗ୍ଧ ହୋଇପଡ଼ିଥିଲେ। ସମାଜ ସେବୀ ଗଗନ ମହାଳିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ ମୁଖ୍ୟଅତିଥି, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ଦାଶ, ମଠାଧୀଶ ପ୍ରଫୁଲ୍ଲ ପଣ୍ଡା, ବିଭୁତି ଭୂଷଣ ପଟ୍ଟନାୟକ, ଦେବାଶିଷ ଧଳ, ମା' ଧାନେଶ୍ୱରୀ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ସୁଶାନ୍ତ କୁମାର ରାଉତ, ସମ୍ପାଦକ କିଶୋର କୁମାର ରାଉତ, ପାୟଲ ମ୍ୟୁଜିକ୍ ସ୍କୁଲ ପ୍ରତିଷ୍ଠାତା ଦେବାଶିଷ ସାମଲ, ଶିଳ୍ପଦ୍ୟୋଗୀ ଅନିମା ପ୍ରିୟଦର୍ଶିନୀ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ ସହିତ ପୁରସ୍କାର ବିତରଣ କରିଥିଲେ।

ସକାଳ
THE SAKALA



# ଘର ଅଗଣାରେ ବାୟୋଫ୍ଲକ୍ ମାଛ ଚାଷ ଦେଉଛି ରୋଜଗାର

ଜଗତସିଂହପୁର, ୨।୪(ସମିସ): ଯେତେବେଳେକି ଜୀବିକାର ଅନ୍ୱେଷଣ କରି ବହୁ ଯୁବକ ଓ ଯୁବତୀ ଚାକିରୀ ପଛରେ ଗୋଡାଇ ହତାଶ ହୋଇପଡୁଛନ୍ତି, ସେତେବେଳେ ଜଗତସିଂହପୁର ସହରର ମାର୍କଣ୍ଡପୁରର ଜନୈକ ମହିଳା ଉଦ୍ୟୋଗୀ ସରୋଜ ବାସିନୀ ବିଶ୍ୱାଳ ନିଜ ଅଗଣାରେ ଥିବା ସୀମିତି ଯାଗାରେ ବାୟୋଫ୍ଲକ ବା କୁଣ୍ଡରେ ମାଛ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ବାୟୋଫ୍ଲକ ମାଛ ଚାଷରେ ସେ ଲାଭବାନ ହେବା ସହିତ ଏହି ସଫଳତାକୁ ନେଇ ସେ ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଏସମ୍ପର୍କରେ ମହିଳା ଉଦ୍ୟୋଗୀ ସରୋଜ ବାସିନୀ ବିଶ୍ୱାଳ କହନ୍ତି, ସେ ଜଣେ ଗୃହୀଣୀ ଭାବରେ ଘରର କାମ କରିବା ସହିତ ପିଲାମାନଙ୍କୁ ମଣିଷ କରିବାରେ ସମୟ ଦେଇଥିଲେ। ତେବେ ପିଲାମାନେ ବଡ ହୋଇ ବାହାରକୁ ଚାଲିଯିବାପରେ ନିଜ ପାଖରେ ଥିବା ବଳକା ସମୟକୁ ଉପଯୋଗ କରିବାକୁ ଚାହୁଁଥିଲେ। ପ୍ରଥମେ ସେ ୟୁଟ୍ୟୁବରୁ କୁଣ୍ଡରେ ହେଉଥିବା ମାଛ ଚାଷ ସମ୍ପର୍କରେ ଜାଣିବାପରେ ନିଜ ଅଗଣାରେ ଥିବା ସୀମିତ ଯାଗାରେ ଏହି ପ୍ରଣାଳୀରେ ମାଛଚାଷ କରିବାକୁ ସ୍ଥିର କରିଥିଲେ। ଏସମ୍ପର୍କରେ ସେ ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଲଳିତ କୁମାର ବିଶ୍ୱାଳଙ୍କୁ ଜଣାଇବାରୁ ସେ ମଧ ଏହାକୁ ସମର୍ଥନ କରିଥିଲେ।

ଏହି ବିଷୟରେ ସେମାନେ ଜିଲ୍ଲା ମତ୍ସ୍ୟବିଭାଗ ସହିତ ଯୋଗାଯୋଗ କରିବାପରେ ସେଠାରୁ ସହଯୋଗ ଓ ଜ୍ଞାନ କୌଶଳ ମିଳିଥିଲା। ୨୦୨୧ ସେପ୍ଟେମ୍ବରରେ ନିଜ ଅଗଣାର ୧୫ଶହ ବର୍ଗ ଫୁଟରେ ୪ଟି ତାରପୋଲିନରେ କୁଣ୍ଡ ନିର୍ମାଣ କରିଥିଲେ। ପ୍ରତି କୁଣ୍ଡର ବ୍ୟାସ ୧୩ ଫୁଟ ରହିଥିଲା। ଏଥିରେ ସେ ୫୦୦/୬୦୦ ଟି ତେଲପିଆ ମାଛ ଛାଡିଥିଲେ। ଏହିମାଛ ଗୁଡିକ ମାତ୍ର ୬ମାସରେ ପ୍ରତ୍ୟେକ ୪ଶହରୁ ୫ଶହ ଗ୍ରାମର ହୋଇଥିଲେ। ତେବେ ତେଲପିଆ ମାଛଗୁଡିକ ସ୍ଥାନୀୟ ବଜାରରେ ଚାହିଦା ନଥିବାରୁ ଏହାକୁ ବିକ୍ରି ପାଇଁ କଷ୍ଟକର ହୋଇଥିଲା।

ଏହି ଅସୁବିଧାକୁ ଅନୁଭବ କରି ୨୦୨୩ ରେ ସେ ତିନିଟି କୁଣ୍ଡରେ ରୋହି ଓ ଭାକୁଡ଼ ମାଛ ଛାଡିଥିବା ସମୟରେ ଗୋଟିଏ କୁଣ୍ଡରେ କେବଳ ପାଙ୍ଗାସିୟସ (ଜଳଙ୍ଗ) ମାଛ ଛାଡିଥିଲେ। ୧୩ଫୁଟ ବ୍ୟାସ ଓ ୪ ମିଟର ଗଭିର ବାୟୋଫ୍ଲକ କୁଣ୍ଡରେ ୯୨ଟି ଜଳଙ୍ଗ ଛାଡିଥିଲେ। ୧୨ମାସରେ ଗୋଟିଏ ଗୋଟିଏ ମାଛ ଦୁଇ କିଲୋରୁ ଅଧିକ ଓଜନ ହୋଇଥିବା ବେଳେ ସେ ଗୋଟିଏ କୁଣ୍ଡରୁ ୧କ୍ୱିଣ୍ଟାଲ ୮୪ କିଗ୍ରା ମାଛ ପାଇଥିଲେ। ଏହି ମାଛକୁ ସେ ବଜାରରେ ୧୩୦ ଟଙ୍କାରେ ବିକିଥିବା ପ୍ରକାଶ କରିଛନ୍ତି। ୧୮୪ କିଗ୍ରା ମାଛକୁ ବିକ୍ରିକରି ୨୩, ୯୨୦ ଟଙ୍କା ପାଇଥିବା ପ୍ରକାଶ କରିଛନ୍ତି। ଦାନାଖର୍ଚ୍ଚ ଓ ଇଲେକ୍ଟ୍ରି ଖର୍ଚ୍ଚ ୬ ହଜାର ଯିବାପରେ ସେ ଏଥିରୁ ନିଟଲାଭ ୧୭, ୯୨୦ ଟଙ୍କା ପାଇଥିବା ପ୍ରକାଶ କରିଛନ୍ତି। ସେହିପରି ୩ଟି କୁଣ୍ଡରେ କରିଥିବା ରୋହି ଓ ଭାକୁଡ଼ ମାଛ ଚାଷରେ ଏକ ବର୍ଷ ମଧ୍ୟରେ ୩ କ୍ୱିଣ୍ଟାଲରୁ ଅଧିକ ମାଛ ବିକ୍ରି କରିଛନ୍ତି। ଏଥିରୁ ତାଙ୍କୁ ୪୮ ହଜାର ଟଙ୍କା ମିଳିଥିବା ବେଳେ ବାର୍ଷିକ ଖର୍ଚ୍ଚ ୧୮ହଜାର ହେଉଥିବା ବେଳେ ସେ ସମସ୍ତ ଖର୍ଚ୍ଚ ବାଦ ବର୍ଷକୁ ୩୦ ହଜାର ଟଙ୍କା ନିଟ ଲାଭ କରିଥିବା ସୂଚନା ମିଳିଛି। ସମୁଦାୟ ୪ଟି କୁଣ୍ଡରୁ ସମସ୍ତ ଖର୍ଚ୍ଚବାଦ ସେ ବର୍ଷକୁ ୪୭, ୯୨୦ ଟଙ୍କା ଆୟ କରିଥିବା ପ୍ରକାଶ କରିଛନ୍ତି।

ଜୀବନ୍ତ ମାଛର ବଜାର ଚାହିଦା ଅଧିକ ରହିଥିବାରୁ ସେ ଏଥିରେ ଆଗକୁ ଅଧିକ ରୋଜଗାର କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସରୋଜବାସିନୀ ଏହି ମାଛଚାଷକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ କମ ପରିଶ୍ରମ ଓ କମ ସମୟ ଦେଇ କୁଣ୍ଡରେ ମାଛ ଚାଷରୁ ସନ୍ତୋଷ ଜନକ ଉତ୍ପାଦନ ମିଳିପାରୁଥିବା ପ୍ରକାଶ କରିଛନ୍ତି।





## ୮ ଚୋରାମଦ ବେପାରୀ ଗିରଫ

ବାଲିକୁଦା, ୨।୪(ସମିସ): ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ବାଲିକୁଦା ପୁଲିସର ଚୋରା ମଦ ବେପାରୀଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।ଗତ ସପ୍ତାହ ମଧ୍ୟରେ ପ୍ରାୟ ୮ରୁ ଅଧିକ ଚୋରା ମଦ ବେପାରୀଙ୍କୁ ଗିରଫ କରି ବାଲିକୁଦା ପୁଲିସ କୋର୍ଟ ଚାଲାଣ କରିଛି। ଆଜି ବାଲିକୁଦା ଥାନା ଅଧୀନ ତେନ୍ତୁଳିବେଲାରି ଗ୍ରାମର ଟୁଟୁ ଲେଙ୍କାଙ୍କଠାରୁ ପୁଲିସ ଚୋରା ମଦ ଜବତ କରିବା ସହ ୧୨୮/୨୪ ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ଏପରିକି ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା ପାଇଁ ଆଗକୁ ନିଶା ବେପାରୀଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ନମ୍ବରବିହୀନ ବାଇକ୍ ଜବତ; ଜଣେ ଗିରଫ

ବାଲିକୁଦା, ୨।୪(ସମିସ): ବାଲିକୁଦା ପୁଲିସ ପକ୍ଷରୁ ଏକ ନମ୍ବରବିହୀନ ମୋଟର ସାଇକେଲ ଚଳାଉଥିବା ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ବରଗୁଡ଼ିପଡ଼ା ଗ୍ରାମର ସରୋଜ କାନ୍ତ ଜେନା ଦୀର୍ଘ ଦିନ ହେବ ଏକ ନମ୍ବର ବିହୀନ ହିରୋ ବାଇକ ଚଳାଉଥିଲେ।ବିଶେଷ ସୂତ୍ରରୁ ଖବର ପାଇ ବାଲିକୁଦା ପୁଲିସ ଚଢ଼ଉ କରି ଉକ୍ତ ବାଇକ ଜବତ କରିବା ସହ ଉକ୍ତ ଗାଡିଟିକୁ ବ୍ୟବହାର କରୁଥିବା ସରୋଜକୁ ଗିରଫ କରିଥିଲା। ଏ ନେଇ ଥାନା ପକ୍ଷରୁ ୧୨୭/୨୪ରେ ଏକ ମାମଲା ରୁଜୁ କରି ସରୋଜକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

## ଚୋରି ଘଟଣାରେ ଦୁଇ କୋର୍ଟ ଚାଲାଣ

ପାରାଦୀପ, ୨।୪(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧିନ ନୂଆଗାଁରେ କିଛି ସାମଗ୍ରୀ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଚୋରି କରି ଚେନ୍ନାଇ ପଳାଇଥିବା ବେଳେ ଗତକାଲି ଗାଁକୁ ଆସି ଥିବାର ପୁଲିସ ଜାଣିବାକୁ ପାଇଥିଲା।ତେବେ ପୁଲିସ ଚଢ଼ାଉ କରି ନୂଆଗାଁର ଗଗନ ଡାଲୁଆ ଓରଫ ଧନୀ ଓ ବିଶ୍ୱପ୍ରକାଶ ଦାସକୁ ଗିରଫ କରିଛି।ସେମାନେ ଚୋରି କରିଥିବା ସାଇଣ୍ଡର ମେସିନ ଓ ଦୁଇଟି ଟ୍ରାକ୍ଟର ହଇଡ୍ରୋଲିକକୁ ପୁଲିସ ଜବତ କରିଛି।ସେମାନେ ଚୋରି ସାମଗ୍ରୀକୁ ସ୍ଥାନୀୟ ବାଲିତୁଠ ଅଞ୍ଚଳରେ ରଖିଥିବା ପୁଲିସ କୁ କଗିଥିଲେ। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ବ୍ରାଉନ୍‌ସୁଗର ଜବତ; ଦୁଇ କୋର୍ଟ ଚାଲାଣ

ପାରାଦୀପ, ୨।୪(ସମିସ): ପାରାଦୀପ ଲକଥାନା ଅଧିନ ଦୋଛକି ନିକଟ ଜିରୋ ପଏଣ୍ଟ ନିକଟରୁ ଦୁଇ ବ୍ରାଉନ୍‌ସୁଗର ବେପାରୀଙ୍କୁ ମାଡି ବସିଲା ପୁଲିସ। ତାଙ୍କ ନିକଟରୁ ୧୫ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ କରାଯାଇଛି। ଦୁଇ ଅଭିଯୁକ୍ତ ହେଲେ ଅଠରବାଙ୍କୀ ଲକ୍‌ପଡ଼ା ଅଞ୍ଚଳରେ ରହୁଥିବା ପ୍ରଦୀପ ମନ୍ତ୍ରୀ (୩୨) ଓ ଭିମାନସୀ ଗୋରଡିର ରମାକାନ୍ତ ସ୍ୱାଇଁ (୨୮) । ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଟିମ୍ ଚଢଉ କରି ଦୁଇ ବ୍ୟବସାୟୀଙ୍କୁ କାବୁ କରିଥିଲା। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ତିର୍ତ୍ତୋଲ, ୨।୪(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା(ମଠ ସାହି) ଗ୍ରାମରେ ସପ୍ତମ ବାର୍ଷିକ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ନାମଯଜ୍ଞ ତିନିଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଭଟ୍ଟଗ୍ରାମ, ଟାଇଁକୁଳ, ପୁରୁଣାବସନ୍ତ ଆଦି ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାସ ସଂକୀର୍ତ୍ତନ କରାଯାଇଥିଲ। ଗୋବିନ୍ଦପୁର ଗ୍ରାମର ପିଲାମାନଙ୍କ କୁଞ୍ଜ କୀର୍ତ୍ତକ ଏକ ସ୍ୱତନ୍ତ୍ର ଭାବାବେଗ ସୃଷ୍ଟି କରିଥିଲା। ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ସମାପନ ହୋଇଥିଲା।

### ବେଆଇନ ମାଟି, ବାଲି ଉଠାଣ

## ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କାଦୁଅ ପିଙ୍ଗା

ଏରସମା, ୨।୪(ସମିସ): ସମଗ୍ର ଏରସମା ଅଞ୍ଚଳରେ ବ୍ୟାପକ ମାତ୍ରାରେ ଖୋଲୁମ୍ ଖୋଲା ମାଟି ବାଲି ଚୋରା ଚାଲାଣ ହେଉଥିବା



ଦେଖିବାକୁ ମିଳୁଛି। ଏମିତି କି ସୋମପୁର ପଞ୍ଚାୟତର ହରିପା ନିକଟସ୍ଥ ହଂସୁଆ ନଦୀ କୁଳରୁ ହଜାର ହଜାର ମାଟି ଟ୍ରିପ ମାଫିଆ ମାନେ ଟ୍ରାକ୍ଟର ଲଗାଇ ଉଠାଉଛନ୍ତି। ସରକାରୀ ଜମି, ଜଙ୍ଗଲ ଜମି ଏବଂ ଶ୍ମଶାନ ଜମି ଗୁଡିକରୁ ଦିବା ଆଲୋକରେ ଏହି ଚୋରା ଚାଲାଣ ହେଉଥିବା ବେଳେ ଏହି ଚୋରା ଚାଲାଣ ରୋକିବା ପାଇଁ ନିଯୁକ୍ତ ସରକାରୀ ଅଧିକାରୀ ମୋଟା ଅଙ୍କର ଲାଞ୍ଚ ନେଇ ସବୁ ଦେଖି ନ ଦେଖିବା ପରି ଆଖି ବୁଜି ଦେଉଛନ୍ତି। ଯାହାକୁ ନେଇ ପ୍ରଶାସନ ଆଖିରେ ଅଙ୍ଗୁଠି ଗେଞ୍ଜି ଅଧ ରାତିରେ ମାଟି ମାଫିଆମାନେ ଏହି ମାଟି ଉଠାଇ ଲକ୍ଷ ଲକ୍ଷ ଟଙ୍କା ବିକ୍ରି କରୁଛନ୍ତି ବୋଲି ଆଲୋଚିତ ହେଉଛି। ବିଭିନ୍ନ ସାମାଜିକ କର୍ମୀ ଓ ଗଣ ମାଧ୍ୟମ କର୍ମକର୍ତ୍ତାଙ୍କ ପକ୍ଷରୁ ଏ ସମ୍ପର୍କରେ ଅବଗତ କରାଗଲେ ବି କୌଣସି ସୁଫଳ ଦେଖିବାକୁ ମିଳୁନି। ବରଂ ଅଧିକାରୀମାନେ ପରସ୍ପର ଉପରକୁ କାଦୁଅ ଫୋପାଡ଼ି ଆମର ଏହି ଦାୟିତ୍ୱ ନୁହେଁ ବୋଲି ସଫେଇ ଦେଉଛନ୍ତି। ତୁରନ୍ତ ଏହି ଚୋରା ମାଟି ବାଲି ଚାଲାଣ ରୋକିବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

## ବାଡ଼ି ଲଉଡି ଖେଳ ପ୍ରତିଯୋଗିତା

ଏରସମା, ୨।୪(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତ ସ୍ଥିତ ଓଁ ଶ୍ରୀଶ୍ରୀ ରାଧାକୃଷ୍ଣ ଗୋପାଳଜୀୟୁ ଗୋଡ଼ା କାହାଳିଆ ଗୋଠର ଯୁବକ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ବାଡି ଲ୍‌ଉଡି ଖେଳ ପ୍ରତିଯୋଗିତା ଗୋଡ଼ାସ୍ଥିତ ରାଜପୁର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି ପ୍ରତିଯୋଗୀ ଦଳ ଭାଗନେଇ ଥିଲେ। ଏହି ପ୍ରତିଯୋଗିତାରେ ବାଲିକୁଦା ବ୍ଲକର ରାମତୋଲ୍, କୁସୁପୁର, ଇଚ୍ଛାପୁର ଏବଂ ତିର୍ତ୍ତୋଲ୍ ବ୍ଲକର ତିର୍ତ୍ତୋଲ ଓ ବାଘୁଆବାରୀର ଲଉଡି ଦଳ ଭାଗ ନେଇଥିଲେ। ପରେ ଘଣ୍ଟ ଘଣ୍ଟା, କାହାଳୀ, ମାଦଳ ବାଣ ରୋଷଣୀରେ ପାଟପଟୁଆରେ ଦୋଳ ବିମାନ ଆସି ଆସ୍ଥାନରେ ବିରାଜମାନ ହେବା ପରେ ଲ୍‌ଉଡି ଖେଳକୁ ଉଜ୍ଜାପିତ କରାଯାଇଥିଲା। ଏହି ପ୍ରତିଯୋଗିତାର ଆୟୋଜନ କାହାଳିଆ ଗୋଠର ଯୁବକ ଭାଇମାନେ କରିଥିଲେ।



## କୁଜଙ୍ଗ ଶିଶୁ ବିଦ୍ୟାମନ୍ଦିରେ ବିଦ୍ୟାରମ୍ଭ ଯଜ୍ଞ

କୁଜଙ୍ଗ, ୨।୪(ସମିସ): ଆଜିର ସମୟରେ ଅଧିକାଂଶ ଅନୁଷ୍ଠାନ ଭୌତିକ ଶିକ୍ଷା ଓ ପ୍ରମାଣ ପତ୍ର ଉପରେ ପ୍ରାଧାନ୍ୟ ଦେଉଥିବା ବେଳେ କୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପିଲାଙ୍କ ଭୌତିକ ଶିକ୍ଷା ସହ ପରିବେଶ, ମୂଲ୍ୟବୋଧ, ନୈତିକ, ବୈଦିକ, ଦେଶଭକ୍ତି ତଥା ରାଷ୍ଟ୍ରର ହିତକୁ ଜୀବନରେ ପ୍ରାଥମିକତା ଦେବା ପ୍ରାଥମିକତା ଦେଇଥାଏ। ଶିକ୍ଷା ଓ ବିଦ୍ୟା ଭିତରେ ବହୁତ ପ୍ରଭେଦ ଥିବା ବେଳେ ଗୋଟିଏ ଜୀବନ ନିର୍ବାହ ସାଧନ ହୋଇଥିବା ବେଳେ ଅନ୍ୟଟି ଜୀବନ ନିର୍ମାଣରେ ସହାୟକ ହୋଇ ବ୍ୟକ୍ତିକୁ ମୋକ୍ଷତ୍ୱ ଆଡକୁ ଅଗ୍ରସର କରାଇଥାଏ ବୋଲି ଶିଶୁ ମନ୍ଦିର ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳନ ସହ ବିଦ୍ୟା ଆରମ୍ଭ ସଂସ୍କାର ଯଜ୍ଞରେ ବିଶିଷ୍ଟ ସାଧୁ ସ୍ୱାମୀ ସୃତିସାଗର ମହାରାଜ ମତଦେଇଛନ୍ତି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଆହୁତ ଏହି ବୈଦିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମ୍ପାଦକ ଅଧିବକ୍ତା କରୁଣାକର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ହୋମ ଯଜ୍ଞ ସହ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସହ ବିଭିନ୍ନ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ, ବେଦ ମନ୍ତ୍ର ଓ ସଂକୀର୍ତ୍ତନ ମଧ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ କୁଜଙ୍ଗରେ ଉତ୍କଳ ଦିବସ




କୁଜଙ୍ଗ, ୨।୪(ସମିସ): କୁଜଙ୍ଗରେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଜଙ୍ଗସ୍ଥିତ ନ୍ୟାସନାଲ ସ୍କୁଲ ପରିସରରେ ସ୍କୁଲର ଅଧକ୍ଷା ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ତଥା ପ୍ରିୟବନ୍ଧୁ ଅନୁଷ୍ଠାନର ସଭାପତି ରଘୁନାଥ ସାହୁ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ କହିବା ସହ ଆଜି କୌଣସି ନା କୌଣସି କ୍ଷେତ୍ରରେ ଆମ ସମୃଦ୍ଧ ହୋଇଥିଲେ ମଧ ଆମ ପ୍ରିୟ ଭାଷା, ସଂସ୍କୃତି ଓ ପରମ୍ପରା ସଂକଟ ଦେଇ ଗତି କରୁଛି। କର୍ମବୀର ଗୌରୀଶଙ୍କର, କୃଷ୍ଣ ଚନ୍ଦ୍ର ଗଜପତି, ଫକୀର ମୋହନ, ସାରଳା ଦାସ, କାନ୍ତକବି, ଭକ୍ତ କବି, ସ୍ୱଭାବ କବିଙ୍କ ପରି ବହୁ ମନୀଷି ଗଣ, ରାମକୃଷ୍ଣ ନନ୍ଦ, ମଧୁ ବାବୁ, ଗୋପବନ୍ଧୁଙ୍କ ପରି ବହୁ ସୁପୁତ୍ରଙ୍କ ତ୍ୟାଗ ଓ ଉତ୍କଳ ପାଇଁ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ତଥା ବଳିଦାନକୁ ଆମେ ଭୁଲିଯିବାକୁ ବସିଲୁଣି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଶାର ଭାଷା, ସଂସ୍କୃତି ଓ ପରମ୍ପରାକୁ ନେଇ କୌତୁକ ବେଶ ପ୍ରତିଯୋଗୀତା, ବକ୍ତୃତା, କୁଇଜ୍ ଆଦି ଅନୁଷ୍ଠିତ ହୋଇଥିଲା। ଶେଷରେ ସେ ଜାଭିଅର୍ ସ୍କୁଲର ଅଧକ୍ଷ ସୁଧାକର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଉଳାଙ୍ଗ ସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ କବି ସାଗବ ଚରଣ ସ୍ୱାଇଁ ଯୋଗାଦେଇ ମାତୃ ଭାଷା, ମାତୃ ଭୂମିରେ ମମତା ରଖିବାକୁ ଆହ୍ୱାନ ଦେଇଥିବା ବେଳେ ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଉଗାଁ ଥାନା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧନା



ନାଉଗାଁ, ୨।୪(ସମିସ): ପବିତ୍ର ଉତ୍କଳ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ନାଉଗାଁ ଥାନା ଅଧିକାରିଣୀ ସଂଘମିତ୍ରା ନାୟକଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶଙ୍କ ପଦକରେ ସମ୍ମାନୀତ କରାଯାଇଛି। ଏହି ପରିପ୍ରେକ୍ଷୀର ନାଉଗାଁ ଥାନାର ଅନ୍ୟ ପଦାଧିକାରୀ ମାନଙ୍କ ସହିତ ସମସ୍ତ କର୍ମଚାରୀ ଓ ନାଉଗାଁ ଆମ ପୁଲିସର ସଦସ୍ୟମାନେ ଆଜି ଥାନା ପରିସରରେ ଥାନା ଅଧିକାରିଣୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

## ଯୁବଗୋଷ୍ଠୀଙ୍କ ପକ୍ଷରୁ ଖୋଲିଲା ଜଳଛତ୍ର



ବିରିଡି, ୨।୪(ସମିସ): ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ଆଜିଠାରୁ କମଳପୁରର ଯୁବଗୋଷ୍ଠୀ ତଥା ଲାଇଫ ଷ୍ଟୋରି ହିଷ୍ଟୋରି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମଳପୁର ପମ୍ପ ହାଉସ ନିକଟରେ ଜଳଛତ୍ର ଖୋଲାଯାଇଛି। ଟ୍ରଷ୍ଟର ସଭାପତି ଚିତ୍ତରଞ୍ଜନ ମଲ୍ଲିକ, ସଭ୍ୟ ଦୀପକ ଭୋଇଙ୍କ ନେତୃତ୍ୱରେ ଟ୍ରଷ୍ଟର ଅନ୍ୟ ସଭ୍ୟମାନେ ସାମିଲ ହୋଇ ଜଳଛତ୍ର ଖୋଲିଥିଲେ। ଏହାଦ୍ୱାରା ବହୁ ବାଟୋଇ, ବିଲ ବାଡିକୁ କାମକରିବାକୁ ଯାଉଥିବା ମୂଲିଆ ମଜୁରିଆ ବିଶେଷ କରି ସେହି ରାସ୍ତାଦେଇ ଯାଉଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଉପକୃତ ହେବେ।

## ଶିଶୁ ମନ୍ଦିରରେ ଉତ୍କଳ ଦିବସ



ବିରିଡି, ୨।୪(ସମିସ): ପାଇକାଣ ଓମ ଗଣପତି ଶିଶୁ ବିଦ୍ୟାମନ୍ଦିରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟା ମନ୍ଦିରର ସମ୍ପାଦକ ବିଦ୍ୟୁତ ଭୂଷଣ ମହାରଣାଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିକୁଞ୍ଜ ବିହାରୀ ଭଞ୍ଜ, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ବସନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ଉତରାୟ ଯୋଗଦେଇ ଆଜି ଦିବସର ମହାନତା ଉପରେ ଆଲୋଚନା କରିବା ସହ ଉତ୍କଳର ବରପୁତ୍ରମାନଙ୍କ ଅବଦାନ ଏବଂ ବିଶେଷ କରି ଉତ୍କଳର ଭାଷା ଓଡିଆକୁ ବିଶ୍ୱ ଦରବାରରେ ପରିଚୟ ଦେଇଥିବା ମହା ମନୀଷମାନଙ୍କ ସମ୍ପର୍କରେ ଅବଗତ କରଯାଇଥିଲା। କାର୍ଯର୍ୟକ୍ରମକୁ ବିଭୁତି ଭୂଷଣ ଖୁଣ୍ଟିଆ, ଭାଗ୍ୟଶ୍ରୀ ପୃଷ୍ଟି, ସୁଶ୍ରୀ ରଶ୍ମିତା ମହାପତ୍ରା, ସରୋଜ ମଲିକ ପ୍ରମୁଖ ଗୁରୁଜୀ ଗୁରୁମାମାନେ ପରିଚାଳନା କରିଥିଲେ।

## ‘ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆମ ଅସ୍ମିତାର ପ୍ରତୀକ’

ଜଗତସିଂହପୁର, ୨।୪(ସମିସ): ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ। ୧୯୩୬ ମସିହା ଏପ୍ରିଲ ପହିଲାରେ ଆମ ଦେଶରେ ଭାଷାଭିତ୍ତିରେ ପ୍ରଥମ ରାଜ୍ୟଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା। ଏହା ଆମ ଅସ୍ମିତାର ପ୍ରତୀକ ବୋଲି ସ୍ଥାନୀୟ ପୁରୁଣାଗଡ଼ଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି। ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ, କର୍ମବୀର ଗୌରୀଶଙ୍କର, କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର ମେହେର ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପତି, ରାମଚନ୍ଦ୍ର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ରମେଶ ସାହୁ, ରମାକାନ୍ତ ସାମନ୍ତରାୟ, ଚନ୍ଦ୍ରଶେଖର ରାୟ, ଶେଷଦେବ ଛୋଟରାୟ, ସତ୍ୟବାଦୀ ସାହୁ, ପ୍ରତାପ ରାଉତରାୟ ଓ ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଆମ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ଆମେ ସଜାଗ ରହିବା ବୋଲି କହିବା ସହିତ ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।



# ପୂର୍ବତନ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ; ଶିକ୍ଷକଙ୍କ ନାଁରେ ମାମଲା

**ନାଉଗାଁ, ୨।୪(ସମିସ):** ନାଉଗାଁ ଥାନା ଅନ୍ତର୍ଗତ ଅରଖକୁଦ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ନେଇ ତାଙ୍କ ପୂର୍ବତନ ଶିକ୍ଷକଙ୍କ ନାଁରେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମହିଳା ଜଣକ ଲୁଗା କିଣିବାକୁ ଚାଲିଚାଲି ନାଉଗାଁ ହାଟକୁ ଯାଉଥିଲେ। ରୋହିଆ ନିକଟରେ ତାଙ୍କ ସ୍କୁଲ ସମୟର ଶିକ୍ଷକ ଗିରିଧାରୀ ମହାନ୍ତି ଦେଖା ହୋଇଥିଲେ। ମହିଳା ଜଣଙ୍କ ତାଙ୍କୁ ପ୍ରଣାମ କରିବାରୁ ସେ ତାଙ୍କୁ କୁଆଡେ ଯାଉଥିବା ପଚାରିଥିଲେ। ନାଉଗାଁହାଟକୁ ଯାଉଥିବା ମହିଳା କହିବାରୁ ଗିରିଧାରୀ ମଧ ହାଟକୁ ଯାଉଥିବା କହିବା ସହ ତାଙ୍କ ସ୍କୁଟିରେ ବସିବାକୁ କହିଥିଲେ। ମହିଳା ଜଣଙ୍କ ସ୍କୁଟିରେ ବସିବାରୁ ଅବଦଲପୁର ନିକଟରେ ଏକ ନିଛାଟିଆ ସ୍ଥାନରେ ଗିରିଧାରୀ ଗାଡିରଖି ମହିଳାଙ୍କୁ ଅସଦାଚରଣ କରିବା ସହିତ ତାଙ୍କୁ ଜାବୁଡିଧରି ରାସ୍ତା କଡରେ ଥିବା ଏକ ଜଙ୍ଗଲିଆ ସ୍ଥାନକୁ ଟାଣିନେଇ ବଳାତ୍କାର ଉଦ୍ୟମ କରିବାରୁ ସେ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ସେହି ବାଟରେ ଯାଉଥିବା ଦୁଇଟି ବାଇକ୍‌ରେ ୪ଜଣ ଯୁବକ ସେଠାରେ ପହଞ୍ଚିବାରୁ ଗିରିଧାରୀ ମହିଳାଙ୍କୁ ଛାଡି ସ୍କୁଟିନେଇ ପଳାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଅଭିଯୋଗକୁ ଭିତ୍ତିକରି ନାଉଗାଁ ଥାନାରେ ଗିରିଧାରିଙ୍କ ନାମରେ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# 'ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମ

**ଜଗତସିଂହପୁର, ୨।୪(ସମିସ):** ଜିଲ୍ଲାର ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ 'ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମର ୩୪ତମ ଅର୍ଘ୍ୟ ଆୟୋଜିତ ହୋଇଯାଇଛି। ଅଧ୍ୟାପକ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ହେଉଥିବା ଏହି ସଂଗୋଷ୍ଠୀରେ କୃଷି ବିଶେଷଜ୍ଞ ରମେଶ ଚନ୍ଦ୍ର ଦାଶ ଯୋଗଦେଇ ତାଙ୍କ ଜୀବନ ଓ ମାଟି ସହିତ ସମ୍ପର୍କର ସ୍ମୃତିକୁ ବଖାଣିଥିଲେ। ମାଟିର ଆହ୍ୱାନରେ ଅନୁପ୍ରାଣିତ ହୋଇ ଅବସର ଗ୍ରହଣ କରିବା ପରେ ମଧ୍ୟ ସେ କିପରି କୃଷି ଓ କୃଷକଙ୍କ ପ୍ରମୁଖ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ କହିଥିଲେ। ସ୍ୱାଗତ ଅଭିଭାଷଣ କ୍ରମରେ ଆବାହକ ଶ୍ରୀ ରାଉତ ଜଗତସିଂହପୁର ଜିଲ୍ଲାର ଅନେକ ମୌଳିକ ସମସ୍ୟାର ସମାଧାନ ସୂତ୍ର ପାଇଁ ସମସ୍ତଙ୍କ ମିଳିତ, ପ୍ରତିବଦ୍ଧିତ ତଥା ବ୍ୟବସ୍ଥିତ ପ୍ରୟାସ ଆବଶ୍ୟକ ବୋଲି ମତ ରଖିଥିଲେ।

ଏହି ଆଲୋଚନାରେ ଚାଷୀ କ୍ଷେତ୍ରମୋହନ ବେହେରା, ଡଃ ଜ୍ୟୋତିର୍ମୟୀ ମହାନ୍ତି, ରବିନାରାୟଣ ଷଡଙ୍ଗୀ ପ୍ରମୁଖ ଶ୍ରୀ ଦାଶଙ୍କ ସମର୍ପିତ ବ୍ୟକ୍ତିତ୍ୱ ବିଷୟରେ ମତ ରଖିଥିଲେ। ଏହି ଆଲୋଚନାରେ ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରାବନ୍ଧିକ ଡଃ ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ଭଗବାନ ଦାଶ, ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ସାହିତ୍ୟିକା ଡଃ ମୌସୁମୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ନିଜ ଜୀବନକୁ ସମର୍ପିତ କରିଥିବା ସମସ୍ତ ମହାମନୀଷୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି 'ମୁଁ ସେହି ଓଡ଼ିଆ' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ ଆୟୋଜିତ ଏହି କବିତା ଆସରରେ ନବୀନ ପ୍ରଧାନ, ତାପସ ରାଜ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପ୍ରିୟତମା ସାହୁ, ନିଧି ସାହୁ, ବିଷ୍ଣୁପ୍ରିୟା ମିଶ୍ର, ଗୋଲାପରାଣୀ ସାହୁ, ରାମଚନ୍ଦ୍ର ବେହେରା, ଅରୁଣ ପଣ୍ଡା, ଜୟନ୍ତୀ ଚୌଧୁରୀ, ମିରାଙ୍ଗିନୀ ଦେଇ, ମିଲ୍ଲୀପ୍ରଭା ଦାଶ, ଦୁର୍ଗାବତୀ ଓଝା, ଆରତୀ ଦାସ, ରୁନିବାଳା ମଲ୍ଲିକ, ମାନସୀପ୍ରଭା ସ୍ୱାଇଁ, ରମେଶ ବହିରା ପ୍ରମୁଖ କବିତା ପାଠ କରିଥିଲେ। ପଣ୍ଡିତ ବାସବ କୁମାର ଓଁକାର ଧ୍ୱନି, ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍ଗାଲୋର ଓଡ଼ିଆ ସଂଗଠନର ଅଧ୍ୟକ୍ଷ ତାପସ ରାଜ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଡେରାବିଶ, ୨।୪(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମଣ କୁମାର ଦାଶ ଓ ମୁଖ୍ୟ ଲିପିକ ଅମରେନ୍ଦ୍ର ମହଲାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଓ କର୍ମଚାରୀ ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ବରିଷ୍ଠ ପ୍ରଧ୍ୟାପକ ଦିଲ୍ଲିପ କୁମାର ଭୂୟାଁ ସଭାପତିତ୍ୱ କରିଥିଲା ବେଳେ କର୍ମଚାରୀ ସଂଘର ସମ୍ପାଦକ ପ୍ରାଧ୍ୟାପିକା ଶ୍ରୀମତୀ ଦାସ ସଭା ସଂଯୋଜନା କରିଥିଲେ। ବିଦାୟୀ ଅଧ୍ୟକ୍ଷ ଶ୍ରୀ ଦାସଙ୍କ କାର୍ଯ୍ୟକାଳ ସମୟରେ ମହାବିଦ୍ୟାଳୟର ନାନାବିଧ ଉନ୍ନତି ଓ ଶିକ୍ଷାନୁଷ୍ଠାନରେ ସୁନ୍ଦର ଶୈକ୍ଷିକ ପରିବେଶ ସୃଷ୍ଟି କରି ସହକର୍ମୀ ଓ ଛାତ୍ରଛାତ୍ରୀଙ୍କର ପ୍ରିୟଭାଜନ ହୋଇପାରିଥିଲେ। ମୁଖ୍ୟ ଲିପିକ ଶ୍ରୀ ମହଲାଙ୍କ କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ଡଃ କବିତା ଷଡ଼ଙ୍ଗୀ, ଅଧ୍ୟାପକ ଅବନୀ ରଞ୍ଜନ ନାୟକ, ବିନୟ ଷଡ଼ଙ୍ଗୀ, ରମାକାନ୍ତ ଦାସ, ପ୍ରଭାକର ଦାସ, ପ୍ରଦୀପ ରାଉତ, ବିଶ୍ୱ ରଞ୍ଜନ ମିଶ୍ର, ଡଃ ବରଦା ପ୍ରସାଦ ଜେନା, ଅଧ୍ୟାପିକା ଝରାଶ୍ରୀ ପରିଜା, ମନିଷା ଦାସ, ମିନାକ୍ଷୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କ ପକ୍ଷରୁ ଡଃ ଦାଶ ଓ ଶ୍ରୀ ମହଲାଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୌଭାଗ୍ୟ ପ୍ରଧାନ, ଉତ୍ତମ ବଳ, ଶକ୍ତି ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଦିବ୍ୟକୁମାର ଦାସ ଓ ପ୍ରଦୀପ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶେଷରେ କର୍ମଚାରୀ ସଂଘର ସହ-ସମ୍ପାଦକ ଅଧ୍ୟାପକ ମାନସ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରଘୁନାଥପୁର ଅଞ୍ଚଳରେ ପାନୀୟ ଜଳ ସଙ୍କଟ; ଲୋକେ ହନ୍ତସନ୍ତ

**ରଘୁନାଥପୁର, ୨।୪ (ସମିସ)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପାଣି ମୁନ୍ଦାଏ ପାଉନାହାନ୍ତି ଜନସାଧାରଣ। ଯାହାକୁ ନେଇ ରଘୁନାଥପୁର ବ୍ଲକ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ରଘୁନାଥପୁର ବ୍ଲକର ୧୯ ଗୋଟି ପଞ୍ଚାୟତରେ ପାନୀୟ ଜଳ ପାଇଁ ଜନ ସାଧାରଣ ହଇରାଣ ହେଉଥିବାବେଳେ ବିଭାଗ ନିଦାବିଷ୍ଟ ସାଜିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକର ରେଢୁଆ ପଞ୍ଚାୟତରେ। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ରେଢୁଆ ପଞ୍ଚାୟତବାସୀଙ୍କୁ ପାଣି ମୁନ୍ଦାଏ ମିଳିପାରୁନାହିଁ। ରେଢୁଆ ପଞ୍ଚାୟତର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ବସିଥିବା ପାଣିଟାଙ୍କି ଓ ଗହ୍ମାପୁର ନିକଟରେ ବସିଥିବା ପାଣିଟାଙ୍କି ଦ୍ୱାରା ପଞ୍ଚାୟତର ରେଢୁଆ, ଗହ୍ମାପୁର, ମୁଣ୍ଡାଳ, ଇଛାପୁର, ଅଢେଇକଣା, ନୁଆଗଡ଼ ମଜୁରାଇ, ବାରତିରା ଗ୍ରାମର ୬ ହଜାର ଲୋକଙ୍କୁ ପାଇପ୍‌ଲାଇନ ଯୋଗେ ରେଢୁଆ ବଜାର, ହାଟ ଓ ପ୍ରତ୍ୟେକ ଗ୍ରାମକୁ ପାଣି ଯୋଗାଇ ଦିଆଯାଉଥିଲା। ହେଲେ ନୂତନ ପ୍ରକଳ୍ପ ଯୋଗୁଁ ପଞ୍ଚାୟତରେ ଖୋଳାଯାଇ ପାଇପ ବିଛାଯାଉଥିବାରୁ ଠିକାଦାର ପୂର୍ବରୁ ଯାଇଥିବା ପାନୀୟ ଜଳ ପାଇପ ଗୁଡିକୁ ମାସେରୁ ଊର୍ଦ୍ଧ୍ୱ ହେବ ଜେସିବି ମେସିନ ଦ୍ୱାରା ତାଡିଦେବା ଦ୍ୱାରା ପାନୀୟ ଜଳ ପାଇବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ରେଢୁଆ





**ପାଣି ନ ମିଳିଲେ ସରପଞ୍ଚ କରିବେ ଅନଶନ**

ପଞ୍ଚାୟତରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ପାଣି ମୁନ୍ଦାଏ ପାଇଁ ରେଢୁଆ ହାଟକୁ ଆସୁଥିବା ଚାଷୀ, ରେଢୁଆ ଅଞ୍ଚଳର ବ୍ୟବସାୟୀ, ରେଢୁଆ ବିଦ୍ୟାଳୟଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ପଥଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାକୁ ନେଇ ରେଢୁଆ ସରପଞ୍ଚ କିଶୋରଚନ୍ଦ୍ର ବେହେରା ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ରଘୁନାଥପୁର ପାନୀୟ ଜଳ ଓ ପରିମଳ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାକୁ ନେଇ ସରପଞ୍ଚ ଅସନ୍ତୋଷ ପ୍ରକାଶ କରି ରଘୁନାଥପୁର ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ପାନୀୟ ଜଳ ବିଭାଗର ଯନ୍ତ୍ରୀମାନେ ୧୦ ବର୍ଷରୁ ଊର୍ଦ୍ଧ୍ୱକାଳ ରହି କାର୍ଯ୍ୟ କରୁଥିବା ବେଳେ ସାଧାରଣ ଲୋକ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟ ସମୟରେ ଯନ୍ତ୍ରୀ ଉପସ୍ଥିତ ନଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରି ଚାଲିଛନ୍ତି। ଫଳରେ ଆଜି ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ରେଢୁଆ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ଦେହୁରିଙ୍କୁ ପଚାରିବାରୁ ଯେତିକି ପାଇପ ପଡ଼ିଛି ୭ ଦିନ ମଧ୍ୟରେ ପାଇପ ଲାଇନ ସଂଯୋଗ କରି ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ; ଥାନାରେ ମାମଲା

**ନାଉଗାଁ, ୨।୪(ସମିସ):** ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ଗ୍ରାମରେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ନାଉଗାଁ ଥାନାରେ ଦୁଇଟି ପୃଥକ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି। ଉକ୍ତ ଗ୍ରାମର ଡମ୍ବରୁ ପରିଡ଼ାଙ୍କ ପତ୍ନୀ ବିକି ପରିଡ଼ାଙ୍କ ଅଭିଯୋଗ ଅନୁସାରେ ସେହି ଗ୍ରାମର ସିଦ୍ଧେଶ୍ୱର ପରିଡ଼ାଙ୍କ ପୁଅ ଶଶିକାନ୍ତ ଅଚାନକ ଆସି ତାଙ୍କୁ ଗାଳିଗୁଲଜ ସହିତ ଟଣାଘୋଷରା କରି ମାଡମାରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ପରେ ଶଶିକାନ୍ତଙ୍କ ସହଯୋଗୀ ସେହି ଗ୍ରାମର ଗିରିଧାରି ମହାନ୍ତି ଓ ନଗେନ୍ଦ୍ର ମହାନ୍ତି ସେଠାରେ ପହଞ୍ଚି ଶଶିକାନ୍ତଙ୍କ ସହିତ ମିଶି ତାଙ୍କୁ ଉଲଗ୍ନ କରି ତଳେ ପକାଇ ମାଡ ମାରିବା ସମୟରେ ବିକିଙ୍କ ଭଣଜା ତୋଫାନ ପହଞ୍ଚି ଗ୍ରାମବାସୀଙ୍କୁ ଡାକିବାରୁ ତୋଫାନ ଓ ଗ୍ରାମବାସୀମାନେ ମିଶି ଘଟଣାକୁ ଆୟତ କରିଥିଲେ। ପରେ ବିକି ନାଉଗାଁ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଦ୍ୱିତୀୟ ପକ୍ଷ ଶଶିକାନ୍ତ ମଧ୍ୟ ପୂର୍ବରୁ ବାଡ ଭଙ୍ଗା ଘଟଣାକୁ କେନ୍ଦ୍ର କରି ତାଙ୍କୁ ସେହି ଥାନା ଅନ୍ତର୍ଗତ ଅରଖକୁଦ ଗ୍ରାମର ବିକିଙ୍କ ଭଣଜା ତୋଫାନ ଓ ରୋହିଆ ଗ୍ରାମର ରୁଲୁ ମହାନ୍ତି ମାଡମାରିବା ସହିତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଥାନରେ ଅଭିଯୋଗ କରିଛନ୍ତି। ତେବେ ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଲୁଣା ଜଙ୍ଗଲ ନିମନ୍ତେ ଚାରାରୋପଣ

**ପାରାଦୀପ, ୨।୪(ସମିସ):** ଉପକୂଳ ଅଞ୍ଚଳରୁ ଧୀରେ ଧୀରେ ଲୁଣା ଜଙ୍ଗଲ ଲୋପ ପାଇବାକୁ ବସିଲାଣି। ଫଳରେ ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରତି ଘୋର ବିପଦ ମାଡି ଆସୁଛି। ଏହା ସହିତ ଜଳବାୟୁ ପରିବର୍ତ୍ତନ ମଧ୍ୟ ହେଉଛି। ତେଣୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସାତ୍ତ୍ୱିକ ସୋଲ୍ ପକ୍ଷରୁ ଉତ୍କଳ ଦିବସ ଅବସରରେ ନୂଆଗଡ଼ ପଞ୍ଚାୟତ ପାରାଦ୍ୱୀପ ମହାନଦୀ ଅବବାହିକାରେ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ଚାରା ରୋପଣ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ପାରାଦୀପ କଲେଜ ଏନ୍‌ସିସି କ୍ୟାଡେଟ, ପ୍ରକୃତିପ୍ରେମୀ ଓ ପରିବେଶବିତମାନଙ୍କ ଦ୍ୱାରା ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଲୁଣା ଚାରା ରୋପଣ କରାଯାଇଛି।



ଏହି ଅବସରରେ ସାତ୍ତ୍ୱିକ ସୋଲ୍‌ର ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ସତ୍ୟବ୍ରତ ସାମଲଙ୍କ ସହ ପରିବେଶବିତ୍ ବିଜୟ କୁମାର କବି, ପରିବେଶପ୍ରେମୀ ଅମ୍ବିକା ପ୍ରସାଦ ନନ୍ଦ, ଶକୁନ୍ତଳା ନନ୍ଦ ତତ୍‌ସହିତ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ପ୍ରମୁଖ ସାମିଲ୍ ହୋଇଥିଲେ। ସାତ୍ତ୍ୱିକ ସୋଲ୍‌ର ସଦସ୍ୟମାନେ ନିଜେ ପ୍ରସ୍ତୁତି କରିଥିବା ନର୍ସରୀରୁ ୫ହଜାରରୁ ଊର୍ଦ୍ଧ୍ୱ ଲୁଣା ଚାରା ବଡ ବନି, ସିନ୍ଦୁଗାଁ, ରାଇ, ବନ୍ଦରୀ, ଖର୍ଷି, ଗୁଆଁ, ସିଂଗଲା, କାଳିଆ ଚୁଆ ଆଦି ପ୍ରଜାତିର ଚାରା ସଂଗ୍ରହ କରି ରୋପଣ କରିଛନ୍ତି। ପାରାଦୀପରେ ଲୁଣା ଜଙ୍ଗଲ ସୃଷ୍ଟି କରିବାରେ ବିଶ୍ୱଜିତ ସାମଲଙ୍କ ସହ ପ୍ରକୃତିପ୍ରେମୀ ଧର୍ମପଦ ବଡ଼ୋଇ, ଇଞ୍ଜିନିୟର ରାକେଶ କୁମାର ମହାପାତ୍ର, ଜିତେନ୍ଦ୍ର ଦାଶ, ସୌମେନ୍ଦ୍ର ରାଉଳ, ଅଶ୍ୱିନୀ କୁମାର ପାଇଟାଲ୍ ଓ ସରୋଜ କୁମାର ମହାଖୁଡ, ଅଞ୍ଜନା ମହାକୁଡ଼, ସିପ୍ରାପ୍ରଧାନ, ଅଭିଷେକ ମହାନ୍ତି, ବିଶ୍ୱଜିତ ନାୟକ, ଅମ୍ବିକା ପ୍ରସାଦ ମହାପାତ୍ର, ଅଜିତ ତରାଇଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସହଯୋଗର ହାତ ବଢ଼ାଇଛନ୍ତି।

# ଗହୀରମଥାରୁ ଗିଲନେଟ୍‌ର ଜବତ; ୧୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨।୪(ସମିସ):** ବିରଳ ଅଲିଭରିଡଲେ କଇଁଛଙ୍କ ଏକୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଗିଲନେଟର ଜବତ କରିବା ସହ ୧୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ବନବିଭାଗ ଟିମ୍ ବିରଳ ଅଲିଭରିଡଲେ କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପଇଁତରା ମାରୁଥିବା ବେଳେ କୂଳ ଠାରୁ ୫ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ମା' ଶ୍ରାବଣୀ ନାମକ ଗିଲନେଟରକୁ ଜବତ କରିଥିଲେ। ଜବତ ଗିଲନେଟରରୁ ୩ଟି ଭିଏଚଏଫ, ଗୋଟିଏ ଫିସ୍ ଫାଇଣ୍ଡର, ୩ଟି ନେଟ ଜବତ କରାଯାଇଥିବା ବେଳେ ଗିଲନେଟରରେ ଥିବା ଅଶୋକ ମଣ୍ଡଳ, ଶଙ୍କର ଗିରି, ମାଧବ ମଲ୍ଲିକ, ସୁକଦେବ ମଣ୍ଡଳ, ବାବୁ ମଣ୍ଡଳ, ଭାଗିରଥ ମଣ୍ଡଳ, ମୁରଲୀଧର ମଲ୍ଲିକ, ଭୋଳାନାଥ ଲାୟା, ସନାତନ ଦାସ, ପରିମଳ ଲାୟା, ରାମ ଖଲାର, ସୁପେନ୍ ସର୍ଦ୍ଦାର, ରାଜେନ୍ଦ୍ର ମଣ୍ଡଳ, ରତନ କର, ନିର୍ମଳ ସର୍ଦ୍ଦାର, ସନ୍ୟାସୀ ମାଇତି, ଶୁକଦେବ ଦାସ ପ୍ରମୁଖ ୧୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।




# ଦାମୋଦର ରାଉତଙ୍କ ବିୟୋଗରେ ଶୋକସଭା




**ପାରାଦୀପ, ୨।୪(ସମିସ):** ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଗୋଲେଖ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥି ଭାବେ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ ଓ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର ଉପସ୍ଥିତ ଥିଲେ। ପାରାଦୀପ ବନ୍ଦର ପ୍ରତିଷ୍ଠା ରେ ତାଙ୍କର ଅବଦାନ ଅତୁଳନୀୟଥିଲା, ସ୍ଥାନୀୟଯୁବକଙ୍କୁ ବିଭିନ୍ନ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପାଇଁ ସେ ସବୁବେଳେ ପ୍ରୟାସ କରୁଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କର ବିୟୋଗ ସମଗ୍ର ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ସ୍ମୃତିସଭାରେ ବହୁ ମାନଗଣ୍ୟ ବ୍ୟକ୍ତି, ଦଳୀୟ କର୍ମୀ ଓ ସ୍ୱର୍ଗତ ରାଉତଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିବା ବ୍ୟକ୍ତି ଯୋଗ ଦେଇଥିଲେ।

# ବିଶ୍ୱ ଅଟିଜିମ୍ ସଚେତନତା ଦିବସ




**କେନ୍ଦ୍ରାପଡ଼ା, ୨।୪(ସମିସ)**

ମାଧପୁରଠାରେ ଥିବା ପୁନର୍ବାସ ଅନୁଷ୍ଠାନ ତରଫରୁ ବିଶ୍ୱ ଅଟିଜିମ୍ (ସ୍ୱପରାୟଣତା) ଦିବସ ପାଳନ କରାଯାଇଛି। ମୁଖ୍ୟ ଉପଦେଷ୍ଟା କଥାକାର ଡକ୍ଟର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶନୀ ନାୟକ, ଅାକ୍ୟୁ ପେଶନାଲ୍ ଥେରାପିଷ୍ଟ ଗୁଞ୍ଜନ ସ୍ମିତା ବେହେରା, ଫିଜୋ ଥେରାପିଷ୍ଟ ରଚିତା ଜେନା, ତୁଳସୀ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ଅଧ୍ୟାପିକା ସବିତା ଭଟ ପ୍ରମୁଖ ଏଥିରେ ଯୋଗ ଦେଇ କହିଲେ ଯେ, ସ୍ୱପରାୟଣତାର କାରଣ, ଥେରାପି ଚିକିତ୍ସା, ଭାବ ବିନିମୟ ପିତାମାତା, ସ୍ୱେଚ୍ଛାସେବୀମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଏହା ଏକ ଜଟିଳ ବିକାଶ ଜନିତ ସମସ୍ୟା ହୋଇଥିବାରୁ, ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ଓ ଧୈର୍ଯ୍ୟ ସହକାରେ ଅପେକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଲୋଚନାରେ ଭାଗ ନେଇ ତୁଳସୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନର ଅଧ୍ୟାପିକା ସବିତା ଦାସ, ଅଧ୍ୟାପିକା ସୌମ୍ୟକାନ୍ତି ମିଶ୍ର, ଡେମୋନଷ୍ଟ୍ରେଟର ଆରତୀ ଚୌଧୁରୀ, ରେଡ଼କ୍ରସରର ସ୍ୱେଚ୍ଛାସେବୀ, ଆଲୋମୋନି ଭିନ୍ନକ୍ଷମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳ, ହିମାଂଶୁ ଜେନା ପ୍ରମୁଖ ପୁନର୍ବାସର ଉଚ୍ଚ ପ୍ରଶଂସା କରିଥିଲେ। ଅନେକ୍ ଅଭିଭାବକ ନିଜ ନିଜ ପିଲା ମାନଙ୍କୁ ପୁନର୍ବାସ ତରଫରୁ କରାଯାଉଥିବା ସେବାରେ ସନ୍ତୋଷ ପ୍ରକାଶ ସହ ଖୁସିବ୍ୟକ୍ତ କରିଥିଲେ। ସଭ୍ୟ କ୍ଷୀରୋଦ କର, ଶେଷଦେବ ପ୍ରସାଦ ଦାସ, ବ୍ରଜ ସୁନ୍ଦର୍ ଦାସ, କାଉନସିଲର ସଞ୍ଜୀବ ଜେନା, ରଞ୍ଜନ ସ୍ୱାଇଁ, ମନୋଜ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ସର୍ବ ଶେଷରେ ସଭ୍ୟ ବଂଶୀଧର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଙ୍କପାଳ ଖେଳପଡ଼ିଆରେ ବିରାଟ ଶ୍ରଦ୍ଧାଞ୍ଜଳି ସଭା



**କୁଜଙ୍ଗ, ୨।୪(ସମିସ):** ପୂର୍ବତନ ମନ୍ତ୍ରୀ ଡଃ ଦାମୋଦର ରାଉତଙ୍କ ଏକାଦଶାହରେ ପଙ୍କପାଳ ଖେଳ ପଡ଼ିଆରେ ଏକ ଶ୍ରଦ୍ଧାଞ୍ଜଳି ସଭା ସହ ଭଜନ ସନ୍ଧ୍ୟା ଓ ଅନ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜନୈତିକ ଇତିହାସର ଏକ ଜୀବନ୍ତ କିମ୍ବଦନ୍ତୀ ବୋଲି ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲିକ୍ ମତଦେଇଥିଲେ। କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁଙ୍କ ସଭାପିତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପିଡିଏ ଅଧ୍ୟକ୍ଷ ଇଂ ପ୍ରମୋଦ କିଶୋର ଜେନା, ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ଶ୍ରମିକ ନେତା ଅରିନ୍ଦମ ସର୍ଖେଲ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, କବି ପୀତାମ୍ବର ତରାଇ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମିପ୍ରିୟା ମହାପାତ୍ର, କୁଜଙ୍ଗ ଅଧ୍ୟକ୍ଷା ନିନାରାଣୀ ସାହୁ, ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ, ନିଶାକର ମୁଦୁଲି, ରଞ୍ଜନ କୁମାର ଦାସ ପ୍ରମୁଖଙ୍କ ସହ ବହୁ ସରପଞ୍ଚ, ପୂର୍ବତନ ସରପଞ୍ଚ ଜିଲ୍ଲା ପରିଷଦ ସଭ୍ୟ, ଶିକ୍ଷାବିତ୍, ମୁରବୀମାନେ ଦୀର୍ଘ ଅର୍ଦ୍ଧଶତାବ୍ଦିର ଏକ ସଂଘର୍ଷ ଓ ସଫଳତା କାହାଣୀର ଅନ୍ତ ଘଟିଲା ବୋଲି କହିଥିଲେ। ଏହି ଅବସରରେ ତାଙ୍କ ପୁଅ ତଥା ପାରାଦ୍ୱୀପ ବିଧାୟକ ଇଂ ସମ୍ବିତ ରାଉତରାୟ, ବୋହୂ ଗୀତାଞ୍ଜଳି, ଝିଅ ପ୍ରିତୀନନ୍ଦାଙ୍କ ସହ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

● ଟିକେଟ ବଣ୍ଟାକୁ ନେଇ ବିଜେପି ଭାଗଭାଗ

# ମନ୍ତ୍ରୀଙ୍କ ସମ୍ମୁଖରେ ଜିଲ୍ଲା ସଭାପତି ଓ ମହିଳା ସମ୍ପାଦିକାଙ୍କୁ ଅସଦାଚରଣ

ଢେଙ୍କାନାଳ, ୨।୪ (ସମିସ)

ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ଟିକେଟ ବଣ୍ଟାକୁ ନେଇ ବିଜେପି ଭାଗ ଭାଗ ହୋଇଯାଇଛି। ବିଜେପି ନୂତନ ପ୍ରାର୍ଥୀଙ୍କୁ ହତାଦର କରି ବାରମ୍ବାର ହାରିଥିବା ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନକୁ

## ଚାରିଥର ହାରିବା ପରେ ବି ମିଳିଛି ଟିକେଟ



ନେଇ ବେଶ ତୁମ୍ବି ତୋଫାନ ହେବାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲ୍ଲା ସଭାପତି ନରେଶ କୁମାର ମହାପାତ୍ର, ଲୋକସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁତି ଭୂଷଣ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ଅଞ୍ଜଳି ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ଉପସଭାପତି ତଥା ପ୍ରଭାରୀ ଗୋଲେଖ ପ୍ରସାଦ ପ୍ରମୁଖ ଉପସ୍ଥିତ ରହିଥିଲେ। ମିଶ୍ରଣ ପର୍ବରେ ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ଅନିତା ଦାଶ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ସମୟରେ ଗଣମାଧ୍ୟମରେ ବିଜେପିର ବିଧାନସଭା ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ବାରମ୍ବାର ହାରିଥିବା ନେତାଙ୍କୁ ପୁଣି ଥରେ ଟିକେଟ ଦେବାକୁ ନେଇ ମହିଳା ସାଧାରଣ ସମ୍ପାଦିକା ପ୍ରଶ୍ନ ଉଠାଇଥିଲେ। ଏପରିକି ଦଳ ମହିଳାମାନଙ୍କୁ ଅଗ୍ରାଧିକାର ଦେଉଥିବା କଥା କହୁଥିବା ବେଳେ ମହିଳାଙ୍କୁ ବାସ୍ତବରେ ସମ୍ମାନ ଦିଆଯାଉନଥିବା କହିଥିଲେ। ଏଭଳି କଥା ଯୁକ୍ତି ତର୍କରେ ପରିଣତ ହେବା ସହିତ ଅଶାଳୀନ ଗାଳି ଗୁଲଜ ମଧ୍ୟ ହୋଇଥିଲା। ଗଣମାଧ୍ୟମ ଓ ମନ୍ତ୍ରୀଙ୍କ ସମ୍ମୁଖରେ ଏଭଳି କାଣ୍ଡ ଚାଲିଥିବା ବେଳେ ଅନ୍ୟମାନେ ଦର୍ଶକ ସାଜିଥିଲେ। ମହିଳା ସାଧାରଣ ସମ୍ପାଦିକା ଅନିତା ଦାଶଙ୍କ ଅଭିଯୋଗ ଅନୁସାରେ ଦଳରେ ବାରମ୍ବାର ହାରୁଥିବା ବ୍ୟକ୍ତଙ୍କୁ ଟିକେଟ ପ୍ରଦାନ କରାଯାଉଛି। ପ୍ରକାଶଥାଉ କି, ଦଳର ବିଧାନସଭା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ପାତ୍ର ୪ଥର ହାରିଥିବା ବେଳେ ଶତ୍ରୁଘ୍ନ ଜେନା ମଧ୍ୟ ହାରିଛନ୍ତି। ସେହିପରି ଲୋକସଭା କ୍ଷେତ୍ରରେ ରୁଦ୍ରନାରାୟଣ ପାଣି ୫ଥର ହାରିବା ପରେ ଦଳ ତାଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି। ଏଭଳି ପ୍ରାର୍ଥିତ୍ୱକୁ ନେଇ ଅସନ୍ତୋଷ ବଢୁଥିବା ଜଣାପଡ଼ିଛି। ଏହାକୁ ନେଇ ପ୍ରଶ୍ନ କରିବାରୁ ଚପଲମାଡ଼ କରିବା ପର୍ଯ୍ୟନ୍ତ କଥାଯାଇଛି। ଘଟଣାକୁ ନେଇ ଜିଲ୍ଲା ସଭାପତି ନରେଶ ମହାପାତ୍ରଙ୍କ କହିବା ଅନୁସାରେ ସେ ବହୁଦିନରୁ ବିଜେଡିରେ ଯୋଗଦେବାକୁ ମନ କରିଥିବାରୁ ଏଭଳି କରି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। ଏ ସଂକ୍ରାନ୍ତିରେ ମହିଳା ସାଧାରଣ ସମ୍ପାଦିକା ତାଙ୍କ ପ୍ରତିକ୍ରିୟାରେ ବାରମ୍ବାର ହାରିଥିବା ବ୍ୟକ୍ତିଙ୍କୁ ଟିକେଟ ପ୍ରଦାନ କରାଯାଉଥିବାକୁ ନେଇ ପ୍ରଶ୍ନ କରିଥିବା କହିଥିଲେ। ବିଜେପି ମିଶ୍ରଣ ପର୍ବରେ ପୁନଶ୍ଚ ମନ୍ତ୍ରୀ ଏବଂ ଗଣମାଧ୍ୟମ ସମ୍ମୁଖରେ ଏଭଳି ବ୍ୟବହାରକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ଯେ, ଜିଲ୍ଲା ସମ୍ପାଦିକାଙ୍କ ବ୍ୟବହାର ପାଇଁ ତାଙ୍କୁ ସମ୍ପାଦିକା ଦାୟିତ୍ୱରୁ ମୁକ୍ତ କରାଯିବା ସହିତ ବିଶୃଙ୍ଖଳିତ ଆଚରଣ ପାଇଁ ଜିଲ୍ଲା ସଭାପତି ତୁରନ୍ତ ତାଙ୍କୁ ପ୍ରାଥମିକ ସଦସ୍ୟରୁ ମୁକ୍ତ କରିବା ଏବଂ ନିଲମ୍ବନ ପାଇଁ ରାଜ୍ୟ ଶୃଙ୍ଖଳା କମିଟିକୁ ଜଣାଇଥିବା ଜଣାପଡ଼ିଛି। ଏଭଳି କାଣ୍ଡକୁ ନେଇ ଏବେ ବିଜେପି ଜିଲ୍ଲାରେ ଫାଳ ଫାଳ ହୋଇଯାଇଛି।

ବିବାହ ପ୍ରଲୋଭନ ଦେଖାଇ ଧୋକ୍କା

# କୌଶଳ କ୍ରମେ ଖସିଗଲା ପ୍ରେମିକ, ଥାନାରେ ମାମଲା

ହିନ୍ଦୋଳ, ୨।୪(ସିମିସ)

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ କଡ଼ଲା ଗ୍ରାମରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବା ଓ ବିବାହ ପାଇଁ ଝିଅ ଘର ସହିତ ମନ୍ଦିରକୁ ଯାଇଥିବା ବେଳେ ସେଠାରୁ ପ୍ରେମିକ ଚମ୍ପଟ ମାରିଥିବା ଜଣାପଡ଼ିଛି। ଏହାକୁ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। କଡ଼ଲା ଗ୍ରାମର ଝିଅ ସହିତ ସେହି ଗ୍ରାମର କିରଣ ସାମଲଙ୍କ ପୁଅ ଜ୍ୟୋତିରଞ୍ଜନ ସାମଲଙ୍କ ପ୍ରେମ ସମ୍ପର୍କ ଗଢିଉଠିଥିଲା। ସେମାନଙ୍କ ମଧ୍ୟରେ ପ୍ରେମ, ପରେ ଶାରୀରିକ ସମ୍ପର୍କ ଥିଲା। ଶାରରୀକ ସମ୍ପର୍କ ଯୋଗୁ ଯୁବତୀ ଗର୍ଭବତୀ ହୋଇଥିଲେ। ଯୁବତୀ ଗର୍ଭବତୀ ହେବା ପରେ ପ୍ରେମିକ ଜାଣିବା ସହ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ କୌଶଳକ୍ରମେ ଘରୁ ନେଇ ପଳେଇବା ସହ ଗର୍ଭପାତ କରିଥିଲେ। ଗର୍ଭପାତ କରିବା ସହ କାକଟପୁର ଅସ୍ତରଙ୍ଗର ଏକ ଭଡ଼ାଘରେ ଉଭୟ ଏକ ମାସ ରହିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକ ଜାଣିବା ପରେ ତାଙ୍କ ନିକଟରେ ପହଞ୍ଚିଥିଲେ। ପରିବାର ଲୋକ ପହଞ୍ଚିବା ପରେ ଚତୁରତାର ସହ ପ୍ରେମିକ ଅଭିନୟ କରି ଚଣ୍ଡୀ ମନ୍ଦିରକୁ ବିବାହ ପାଇଁ ଯାଇଥିଲେ। ପ୍ରେମିକ ପ୍ରବର ଚକମା ଦେଖାଇ ପାଣି ପିଇବା ବାହାନାରେ ସେଠାରୁ ଚମ୍ପଟ ମାରିଥିଲେ। ଏପରିକି ଜ୍ୟୋତି ତା'ର ମୋଟର ସାଇକଲ (ଓଡି୦୨ସିଏମ୮ ୯୨୩) କୁ ଛାଡ଼ି ଫେରାର ହୋଇଯାଇଥିଲା। ଘଟଣା ପରେ ଜ୍ୟୋତିଙ୍କ ପରିବାର ତରଫରୁ ଝିଅ ପରିବାର ବର୍ଗକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଚାରିଆଡୁ ନିରାଶ ହେବା ପରେ ଯୁବତୀଙ୍କ ପରିବାରବର୍ଗ ପ୍ରଥମେ ଲାଲବାଗ ଥାନା ଓ ପରେ ହିନ୍ଦୋଳ ବାଲିମୀ ଥାନାରେ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି।

## ଦେଶୀ ମଦ ସମେତ ଗାଡ଼ି ଜବତ



**କାମାକ୍ଷାନଗର, ୨।୪ (ସମିସ) :** ପରଜଙ୍ଗ ଥାନା ଅନ୍ତର୍ଗତ ଆମ୍ବପଳାସ ଗ୍ରାମ୍ୟ ଜଙ୍ଗଲରୁ ଏକ ପିକ୍‌ଅପ୍ ଭ୍ୟାନ ଗାଡ଼ିରେ ଥିବା ୧୨ ଶହ ଲିଟର ଦେଶୀ ଚୋରା ମଦ ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଓ ପୁଲିସ କର୍ମଚାରୀ ମଙ୍ଗଳବାର ଭୋରରେ ଚଢ଼ଉ କରିଥିଲେ। ଏକ ପିକ୍‌ଅପ୍ ଭ୍ୟାନ (ଜେଏଚ-୦୭-ସି-୩୪୬୪) ଗାଡ଼ିରେ ୨୪ ଟି ପ୍ଲାଷ୍ଟିକ ବ୍ୟାରେଲ୍‌ରେ ଦେଶୀ ଚୋରା ମଦ ଭର୍ତ୍ତିହୋଇ ରହିଥିଲା। ଦୂରରୁ ପୁଲିସକୁ ଦେଖି ମଦ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ଯଥାଶୀଘ୍ର ଚୋରା ମଦ ମାଫିଆଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଦାସ କହିଛନ୍ତି।

## ଇନ୍ଦିପୁରରେ ଦଣ୍ଡଯାତ୍ରା ଆରମ୍ଭ

**ଢେଙ୍କାନାଳ, ୨।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ମଙ୍ଗଳବାର ଠାରୁ ସୁନାଦଣ୍ଡ ଯାତ୍ରା ଭକ୍ତି ଏବଂ ଭାବର ସହିତ ଆରମ୍ଭ ହୋଇଛି। ଦୀର୍ଘ ୧୫୬ ବର୍ଷ ଧରି ଗ୍ରାମରେ ଏହି ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ପଣାସଂକ୍ରାନ୍ତି ପୂର୍ବଦିନ ମେରୁଯାତ୍ରାକୁ ଗଣନାକରି ଚୈତ୍ରମାସରେ ପ୍ରାୟ ୨୧ ଦିନ ଧରି ବ୍ରତ ମାନସିକଧାରୀ ଦଣ୍ଡୁଆମାନେ ପାଳନ କରିଆସୁଛନ୍ତି। ଢେଙ୍କାନାଳ ଠାରୁ ୧୨ କିମି ଦୂରରେ ଅବସ୍ଥିତ ଇନ୍ଦିପୁର କାମନା- କାଳିକା ମନ୍ଦିରରେ ମାନସିକ ରଖି ଦୂର ଦୂରାନ୍ତରୁ ଭକ୍ତମାନେ ଦଣ୍ଡାଯାତ୍ରାରେ ସାମିଲ ହୋଇଥାନ୍ତି। ଦଣ୍ଡ ଯାତ୍ରା ବିଧି ଅନୁସାରେ ପ୍ରଚଣ୍ଡ ଖରାକୁ ଭ୍ରୂକ୍ଷେପ ନକରି ଦଣ୍ଡୁଆମାନେ ଧୂଳିଦଣ୍ଡ କରିବା ସହିତ ୨୧ ପ୍ରକାରର ଦଣ୍ଡ କରିଥାନ୍ତି। ଏହି ଯାତ୍ରା ଦୀର୍ଘ ୧୩ଦିନ ଧରି ଚାଲିବାକୁ ଥିବା ବେଳେ ଆଜି ଏହାର ଆରମ୍ଭ ହୋଇଛି।

## ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୨।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଷ୍ଟା ସଂଘ କର୍ମକର୍ତ୍ତାଗଣ ଜିଲ୍ଲାରେ ନୂତନ ଭାବରେ ଯୋଗଦେଇଥିବା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ରିତ ରୁତୁରାଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଜିଲ୍ଲରେ କିଭଳି ଭାବରେ ଶିକ୍ଷାର ବିକାଶ ଘଟିବ, ସେନେଇ ଶିକ୍ଷକ ସଂଘର ସହଯୋଗ କାମନା କରିଥିଲେ। ଜିଲ୍ଲାର ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ



ଶିକ୍ଷାଦାନ ମାଧ୍ୟମରେ ଉତ୍ତମ ମାର୍ଗ ଦର୍ଶନ ଦେବାପାଇଁ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଢେଙ୍କାନାଳ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୁତି ସାମଲ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଏବଂ ସଦର ବ୍ଲକର ସମ୍ପାଦକ ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନୀତା ନୃତ୍ୟାଙ୍ଗନା ପକ୍ଷରୁ ଉତ୍କଳ ଦିବସ ପାଳିତ

**ଢେଙ୍କାନାଳ, ୨।୪ (ସମିସ) :** ସ୍ଥାନୀୟ ଅଗ୍ରଣୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ପକ୍ଷରୁ ଉତ୍କଳ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ,ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର କୁମାର ସାହୁ ଯୋଗଦାନ କରି ଆମ ଜିଲ୍ଲାର ଗର୍ବ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଦେବୀ ଶତପଥୀ ଓ ପାହାଡ଼ ଚଢ଼ାଳି କଳ୍ପନା ଦାସଙ୍କ କଥା କହିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଜଣାଅଜଣା ପ୍ରତିଯୋଗିତା ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗ ମଧ୍ୟରେ କରାଯାଇଥିଲା। ବିଚାରକ ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ପରିଚାଳନା କରିଥିଲେ। ଏଥି ସହିତ ପିଲାମାନଙ୍କ ଆତ୍ମରକ୍ଷା କୌଶଳରୁ କିପରି ଶିକ୍ଷା ମିଳିଥାଏ, ତାହା ସୁଶ୍ରୀ ଅଙ୍କିମା ପ୍ରିୟଦର୍ଶୀନୀ ଦେଖାଇବା ସହ ବୁଝାଇଥିଲେ। ନୀତା ନୃତ୍ୟାଙ୍ଗନାର ସଭ୍ୟ ଭାବରେ ସୁଶ୍ରୀ ବର୍ଷାରାଣୀ ରଣା, ସାଗରିକା ଶତପଥୀ, ଅଜିତ କୁମାର ପାଳ, ସାଇ ଶୁଭମ୍ ଏବଂ ସମ୍ପାଦକ ଆଶିଷ କୁମାର ପାଲ ପୂର୍ଣ୍ଣ ଭାବରେ ସାହାଯ୍ୟ ସହଯୋଗ କରିଥିଲେ।

## କାମାକ୍ଷାନଗର ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




କାମାକ୍ଷାନଗର, ୨।୪ (ସମିସ)

କାମାକ୍ଷାନଗର ଓକିଲ ସଂଘର ସଭା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାରେ ଶପଥ ପାଠ କରାଯାଉଛି। ନିର୍ବାଚନ ଅଧିକାରୀ ଅଜିତ କୁମାର ଦାସ ଉପସ୍ଥିତ ରହି କ୍ରମାନ୍ୱୟରେ ସଭାପତି ଧର୍ମାନନ୍ଦ ମଲ୍ଲିକ, ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ସମ୍ପାଦକ ପ୍ରବୋଧ କୁମାର ସାମଲ, ସହ ସମ୍ପାଦକ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ ଅରୁଣ କୁମାର ନନ୍ଦ, ଲାଇବ୍ରେରିଆନ ଜ୍ୟୋତିଶ୍ରୀ ସାହୁ, ଏକଜିକ୍ୟୁଟିଭ୍ କମିଟି ସଭ୍ୟ ଅଶୋକ କୁମାର, ଲକ୍ଷ୍ମୀନାରାୟଣ ପ୍ରଧାନ, ମନୋଜ କୁମାର ସାହୁ, ଶାନ୍ତନୁ କୁମାର ଶତପଥି, ଉମେଶ କୁମାର ନାଏକଙ୍କୁ ଶପଥ ପାଠ କରାଇଥିବା ବେଳେ ଜଣେ ଏକଜିକ୍ୟୁଟିଭ୍ ସଭ୍ୟ ଅନୁପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଶେଷରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଦୋଳଗୋବିନ୍ଦ ବେହେରା, ସଞ୍ଜୟ କୁମାର ମିଶ୍ର, ସୂର୍ଯ୍ୟନାରାୟଣ ସାହୁଙ୍କ ସମେତ ସଭ୍ୟ ସଭ୍ୟାମାନେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

● ରାମସୀତାଙ୍କ ଆଶୀର୍ବାଦ ନେଲେ ସାଂସଦ ପ୍ରାର୍ଥୀ ଅବିନାଶ

## 'ଲୋକଙ୍କ ସେବା କରିବାର ସୁଯୋଗ ମିଳିଛି'



**ଢେଙ୍କାନାଳ, ୨।୪ (ସମିସ) :** ଢେଙ୍କାନାଳର ବିଜେଡି ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ପ୍ରଭୁ ରାମସୀତାଙ୍କ ଆଶୀର୍ବାଦ ନେବା ସହିତ ଲୋକଙ୍କ ସେବା କରିବାର ସୁଯୋଗ ମିଳିଛି ବୋଲି କହିଛନ୍ତି। ଓଡ଼ାପଡ଼ା ବ୍ଲକ ଗଦାଶିଳା ରାମମନ୍ଦିର ତରଫରୁ ଚାଲିଥିବା ନବାହ୍ନ ପାରାୟଣ ଅବସରରେ ମଙ୍ଗଳବାର ରାମସୀତାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାମସୀତାଙ୍କ ଯୁଗଳ ମୂର୍ତ୍ତିଙ୍କୁ ଏକ ଶୋଭାଯାତ୍ରାରେ ମହେନ୍ଦ୍ରପୁର, ସାଇଁବିରି, ଗଦାଶିଳା, ଚାଇଁପୁର ଗ୍ରାମ ପରିକ୍ରମା କରାଯାଇଥିଲା। ଭଜନ, କୀର୍ତ୍ତନ ସହିତ ଗୋପାଳ ଲଉଡ଼ି ଦଳଙ୍କ ସହିତ ଶତାଧିକ ଭକ୍ତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଲୋକସଭା ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଯୋଗଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ପରେ ରାମମନ୍ଦିର ପରିସରରେ ଉପସ୍ଥିତ ଜନସାଧାରଣ ଏବଂ ଭକ୍ତମାନଙ୍କ ସହିତ ମିଶି ପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମରେ ଅବିନାଶ ସାମଲଙ୍କ ସହିତ ଅଖିଳ କୁମାର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସରପଞ୍ଚ ପ୍ରତାପ କୁମାରସାହୁ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ପ୍ରଭାସ କୁମାର ସାହୁ, କାର୍ଯ୍ୟକର୍ତ୍ତା ପୁରୁଷୋତ୍ତମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭବ୍ୟ ସ୍ୱାଗତ



**ଗଁଦିଆ, ୨।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକରେ ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଓ ସଦର ବିଧାୟକ ପ୍ରାର୍ଥୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଥମେ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ଓ ବିଧାୟକ ସୁଧୀର କୁମାର ସାମଲଙ୍କୁ ଦେଓଗାଁ ଛକଠାରେ ଦଳ ପକ୍ଷରୁ ସ୍ୱାଗତ କରାଯିବା ସହିତ ଏକ ଶୋଭାଯାତ୍ରାରେ କର୍ମୀମାନେ ପାଛୋଟି ଆଣିଥିଲେ। ଗଁଦିଆ ଠାରେ ଥିବା ଦଳୀୟ କାର୍ଯ୍ୟାଳୟଠାରେ ଉପସ୍ଥିତ ଥିବା ଦଳର ବରିଷ୍ଠ, ଯୁବ, ମହିଳା ଓ ଛାତ୍ର କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ମନ୍ଦାର ଛକଠାରେ ଦଳୀୟ କର୍ମୀମାନେ ଭବ୍ୟ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ବ୍ଲକ ସଭାପତି ବିଶ୍ୱନାଥ ଜେନା, ଯୁବ ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ, ବ୍ଲକ ମହିଳା ସଭାପତି ଶୁଭଦର୍ଶନୀ ପରିଡ଼ା ଓ ଅନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସମେତ ଦଳୀୟ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

## ବିଜେଡି ସାଂସଦ ପ୍ରାର୍ଥୀ ଅବିନାଶଙ୍କୁ ବିପୁଳ ସମ୍ବର୍ଦ୍ଧନା




**ଭୁବନ, ୨।୪ (ସମିସ) :** ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେଡି ସଂସଦ ପ୍ରାର୍ଥୀ ଅବିନାଶ ସାମଲଙ୍କୁ ଭୁବନରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ବିଷ୍ଣୁପ୍ରିୟା ଗାଲାକ୍ସି ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ସଦର ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍ ଏ ସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ରହି ବିଜେଡି ପ୍ରାର୍ଥୀ ଅବିନାଶ ସାମଲଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ସାଂସଦ ପ୍ରାର୍ଥୀ ଶ୍ରୀ ସାମଲ ରାଜନୀତିରେ ସମ୍ପୂର୍ଣ୍ଣ ନୂଆ ହୋଇଥିଲେ ମଧ୍ୟ ଜନସେବାରେ ପୁରୁଣା ଏବଂ ବିରୋଧୀ ଦଳ ପ୍ରାର୍ଥୀ ଜଣେ ଅଭିଜ୍ଞ ନେତା ହୋଇଥିଲେ ମଧ୍ୟ ବାରମ୍ବାର ପରାଜିତ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ବିଶେଷ କରି ଢେଙ୍କାନାଳର ସ୍ୱାର୍ଥ ପାଇଁ ସେ ଦିଲ୍ଲୀରେ ସ୍ୱର ଉତ୍ତୋଳନ କରିବେ ବୋଲି କହିଥିଲେ। ସ୍ୱାଗତ ସମ୍ବର୍ଦ୍ଧନାରେ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଏନ୍‌ଏସି କାଉନସିଲରଙ୍କ ସମେତ ବ୍ଲକ, ଏନ୍‌ଏସିରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପରଜଙ୍ଗରେ ପୁରଣା ପ୍ରତିଦ୍ୱନ୍ଦ୍ୱୀ

# ନୃସିଂହ ଓ ବିଭୁତିଙ୍କ ମଧ୍ୟରେ ହେବ କଡ଼ା ମୁକାବିଲା

କାମାକ୍ଷାନଗର, ୨।୪ (ସମିସ)

ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ପୁଣି ଥରେ ଦୁଇ ପୁରୁଣା ପ୍ରତିଦ୍ୱନ୍ଦ୍ୱୀଙ୍କୁ ନେଇ ନିର୍ବାଚନ ବେଶ ରୋଚକ ହେବାକୁ ଯାଉଛି। ୨୦୦୯ ମସିହାରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରୁ ଅଲଗା କରାଯାଇ ନୂତନ ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଗଠନ ହୋଇଥିଲା। ଚଳିତ ନିର୍ବାଚନରେ ମୋଟ ୨ ଲକ୍ଷ ୧୮ ହଜାର ୪୪୨ ଜଣ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଥିବା ବେଳେ ୧ ଲକ୍ଷ ୧୨ ହଜାର ୨୧୯ ପୁରୁଷ ଭୋଟର, ୧ ଲକ୍ଷ ୬ହଜାର ୨୧୧ ଜଣ ମହିଳା ଭୋଟର, ଓ ୧୨ ଜଣ ତୃତୀୟ ଲିଙ୍ଗ ଭୋଟର ଚଳିତ ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବେ। ସେହିପରି ୪ ହଜାର ୪୧୪ ଜଣ ନୂତନ ଯୁବ ଭୋଟର ପ୍ରଥମ ଥର ମତଦାନ କରିବେ। ବିଜେଡି ନିଜର ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ଡ଼ ନୃସିଂହ ଚରଣ ସାହୁଙ୍କୁ ରିପିଟ୍ କରିଥିବା ବେଳେ ବିଜେପି ଆଉଥରେ ବିଭୁତି ପ୍ରଧାନଙ୍କୁ ସୁଯୋଗ ଦେଇଛି। ଯାହାକୁ ନେଇ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଯାଇଛି। ଗତ ତିନୋଟି ସାଧାରଣ ନିର୍ବାଚନରେ ବିଜେଡିର ନୃସିଂହ ସାହୁ ଓ ବିଜେପିର ବିଭୁତି ପ୍ରଧାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ୨୦୦୯ ସାଧାରଣ ନିର୍ବାଚନରେ ବିଜେଡିରୁ ନୃସିଂହ ସାହୁ ୪୮, ୧୩୧ ଭୋଟ ପାଇଥିବା ବେଳେ ବିଜେପିର ବିଭୁତି ପ୍ରଧାନଙ୍କୁ ମିଳିଥିଲା ୪୨, ୯୪୩ ଖଣ୍ଡ ଭୋଟ। ୨୦୧୪ ରେ ନୃସିଂହଙ୍କୁ ୬୦, ୫୨୩ ଭୋଟ ମିଳିଥିଲା ବେଳେ ବିଭୁତିଙ୍କୁ ୫୭, ୪୭୧ ଖଣ୍ଡ ଭୋଟ ମିଳିଥିଲା। ଗତ ୨୦୧୯ ନିର୍ବାଚନରେ ନୃସିଂହଙ୍କୁ ୭୮, ୭୪୭ ଖଣ୍ଡ ଭୋଟ ମିଳିଥିଲା ବେଳେ ବିଭୁତିଙ୍କୁ ୭୮, ୦୦୭ ଖଣ୍ଡ ଭୋଟ ମିଳିଥିଲା। ଗତ ନିର୍ବାଚନରେ ବିଜେଡିର ନୃସିଂହ ସାହୁ ୭୪୦ ଖଣ୍ଡ ଭୋଟରେ ବିଜୟୀ ହୋଇ ପରଜଙ୍ଗ ନିର୍ବାଚନ ମଣ୍ଡଳୀରୁ ହ୍ୟାଟ୍ରିକ ବିଜୟ ହାସଲ କରିବା ସହିତ ୫ମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଧାୟକ ନୃସିଂହ ସାହୁ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା କରି ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇ ଲଗାତାର ଚତୁର୍ଥ ଥର ଭାବେ ବିଜୁ ଜନତା ଦଳ ତରଫରୁ ଏହି ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ଲଗାତାର ତିନିଥର ପରାଜୟର ସାମ୍ନା କରି ଆସୁଥିବା ବିଜେପି ପୁଣି ଏଥର ବିଭୁତି ପ୍ରଧାନଙ୍କୁ ମୈଦାନକୁ ଓହ୍ଲାଇଛି। ଯୁବ ଚେହେରା ଭାବେ ରଞ୍ଜିତ ସାହୁ ପରଜଙ୍ଗରେ ଦଳର ମଙ୍ଗ ଧରିଥିବା ବେଳେ ଗତକିଛି ମାସ ହେବ ଲୋକଙ୍କ ସହ ଯୋଡ଼ିହୋଇ ସଂଗଠନ ସଜାଡ଼ିବାରେ ଲାଗି ପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ ସ୍ଥାନୀୟ ବିଧାୟକ ନୃସିଂହ ସାହୁଙ୍କ ନେତୃତ୍ୱରେ ବଦଳିଛି ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ବ୍ଲକ, କଙ୍କଡାହାଡ଼ ବ୍ଲକ ଓ କାମାକ୍ଷାନଗର ବ୍ଲକର କିଛି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ ଏବେ ବିକାଶର ସ୍ରୋତରେ ସାମିଲ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ପ୍ରାଧାନ୍ୟ ଦେଇଛି। କଙ୍କଡାହାଡ଼ ବ୍ଲକର କାଲବୁଦ୍ଧିଆ ଠାରେ ବହୁବର୍ଷର ଆକାଂକ୍ଷା ପରେ ନୂତନ ବ୍ରିଜ, ଚିଲଦା ଠାରେ ନୂତନ ବ୍ରିଜ ନିର୍ମାଣ କରାଯାଇ ଗମନାଗମନର ଅସୁବିଧାକୁ ଦୂର କରାଯାଇଛି। ବ୍ଲକଟି ଆଦିବାସୀ ଅଧ୍ୟୁଷିତ ତଥା ଜଙ୍ଗଲୀ ଅଞ୍ଚଳ ହୋଇଥିବା ବେଳେ ପ୍ରତ୍ୟେକ ଗାଁକୁ ପାନୀୟ ଜଳଯୋଗାଣ, ରାସ୍ତା, ବିଦ୍ୟୁତ ସଂଯୋଗ ଇତ୍ୟାଦି କରାଯାଇ ସ୍ଥାନୀୟ ବାସିନ୍ଦାଙ୍କ ବହୁଦିନର କଷ୍ଟକୁ ଦୂର କରାଯାଇଛି। ସେହିପରି ପରଜଙ୍ଗ ବ୍ଲକରେ ଥିବା ରାଜ୍ୟର ଦୁଇ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ପରିଗଣିତ ସରାଙ୍ଗ ସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଥିବା ପ୍ରାଚୀନ ଅନନ୍ତଶୟନ ପୀଠର ଉନ୍ନତିକରଣ, କୁଆଲୋ ସ୍ଥିତ ବହୁ ପୁରାତନ ଅଷ୍ଟଶମ୍ଭୁ ମନ୍ଦିରକୁ ଜାତୀୟ ରାଜପଥ ୫୩ ଠାରୁ ସ୍ଥାୟୀ ରାସ୍ତା ନିର୍ମାଣ, ମନ୍ଦିରର ସୌନ୍ଦର୍ଯ୍ୟକରଣ ଇତ୍ୟାଦି କାର୍ଯ୍ୟକୁ ତ୍ୱରିତ କରାଯାଇ ସ୍ଥାନୀୟ ବାସିନ୍ଦାଙ୍କ ଅନେକ ଦିନର ଦାବିକୁ ପୂରଣ କରାଯାଇଛି। ବିକାଶକୁ ମୁଦା କରି ବିଜେଡି ନିର୍ବାଚନରେ ଆଉଥରେ ବାଜିମାତ କରିବାକୁ ଚେଷ୍ଟା ଜାରି ରଖିଛି।

